

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୨ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 02 AUGUST 2023
Vol.No. 35 ■ No. 204 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅଗଷ୍ଟ ୮ରୁ ୧୦ ଯାଏ ଲୋକସଭାରେ ହେବ ଅନାସ୍ଥା ପ୍ରସ୍ତାବ ଆଲୋଚନା



ନୂଆଦିଲ୍ଲୀ,୦୧/୦୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ବିରୋଧରେ ବିରୋଧୀ ମେଣ୍ଟ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ କେବେ ଆଲୋଚନା ହେବ, ତା'ର ତାରିଖ ସାମ୍ନାକୁ ଆସିଛି। ଆସନ୍ତା ଅଗଷ୍ଟ ୮ରୁ ୧୦ ତାରିଖ ଯାଏ ଲୋକସଭାରେ ମୋଦି ସରକାର ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହେବ। ୩ ଦିନ ଧରି ବିଭିନ୍ନ ଦଳର ସାଂସଦମାନେ ବିଭିନ୍ନ ପ୍ରସଙ୍ଗରେ ମତ ରଖିବେ। ସେହିପରି ଅଗଷ୍ଟ ୧୦ ଅର୍ଥାତ ଆଲୋଚନାର ଶେଷ ଦିନରେ ପ୍ରଧାନମନ୍ତ୍ରୀ ମୋଦି ନିଜର ପକ୍ଷ ରଖିବା ସହ ବିରୋଧୀ ଉଠାଇବାକୁ ଥିବା ପ୍ରଶ୍ନ ଗୁଡ଼ିକର ଉତ୍ତର ଦେବେ। ମୋଦି ପକ୍ଷ ରଖି ସାରିବା ପରେ ଅନାସ୍ଥା ପ୍ରସ୍ତାବ ଉପରେ ଗୃହରେ ଭୋଟ ହେବ। ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦି ସଂସଦରେ ମତ ରଖନ୍ତୁ ବୋଲି ଦାବି କରି ଏଯାଏ ନିରାଶ ହୋଇଥିବା ବିରୋଧୀ ଜୁଲାଇ ୨୬ରେ ଲୋକସଭାରେ ଅନାସ୍ଥା ପ୍ରସ୍ତାବ ପାଇଁ ନୋଟିସ ଦେଇଥିଲେ। ମୋଦି ବିରୋଧୀଙ୍କ ଦାବି ଅନୁସାରେ ମଣିପୁର ପ୍ରସଙ୍ଗରେ ମୁହଁ ଖୋଲୁ ନଥିବାରୁ ସେମାନେ ଏପରି ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ତେବେ ସଂଖ୍ୟା ଉପରେ ଯଦି ନଜର ପକାଇବା, ତା'ହେଲେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ବେଶ ସହଜରେ ଏହି ଅନାସ୍ଥା ପ୍ରସ୍ତାବକୁ ମାତ ଦେଇପାରିବେ। ସେହିପରି ଏନଡିଏରେ ନଥିବା ଓଡ଼ିଶାର କ୍ଷମତାସୀନ ବିଜେଡି ମଧ୍ୟ ଅନାସ୍ଥା ପ୍ରସ୍ତାବକୁ ବିରୋଧ କରିବ ବୋଲି କହିଛି। ତେଣୁ ବିଜେପି ସରକାର ପ୍ରତି ଅନାସ୍ଥାର କୌଣସି ଭୟ ନାହିଁ। ତଥାପି ମଣିପୁର ପ୍ରସଙ୍ଗରେ ବିରୋଧୀ କରୁଥିବା ଦାବି ଏହି ଅନାସ୍ଥା ପ୍ରସ୍ତାବ ଦ୍ୱାରା ପୂରଣ ହେବ। କାରଣ ପ୍ରଧାନମନ୍ତ୍ରୀ ମୋଦି ଏବେ ଯେମିତି ହେଲେ ବି ଗୃହରେ ମଣିପୁର ପ୍ରସଙ୍ଗରେ ପକ୍ଷ ରହିବାକୁ ବାଧ ହେବେ।

## ଆଜି ବି ବର୍ଷିବ : ୪ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ



ଭୁବନେଶ୍ୱର, ୧/୦୮ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଗଭୀର ଅବପାତରେ ପରିଣତ ହୋଇଛି। ଗଭୀର ଅବପାତଟି ଖେପୁପଡ଼ାରୁ ୧୬୦, ଦୀଘାରୁ ୪୨୦ କିମି ଦୂରରେ ରହିଛି। କ୍ରମେ ଏହା ଉତର ପଶ୍ଚିମ ଦିଗକୁ ଗତି କରି ଉପକୂଳ ମୁହାଁ ହେବ। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ମଙ୍ଗଳବାର ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ବେଳେ ବୁଧବାର ମଧ୍ୟ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତାକାଲି ୪ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ସୁନ୍ଦରଗଡ, ଝାରସୁଗୁଡା, ବରଗଡ ଓ ସମ୍ବଲପୁର। ଏହି ସମୟ ମଧ୍ୟରେ ଦେବଗଡ , ଅନୁଗୁଳ, କେନ୍ଦୁଝର, ସୋନପୁର, ବୌଦ୍ଧ,

▶▶ପୃଷ୍ଠା ୭

## ଆନ୍ଦୋଳନରୁ ଓହରିଲେ ଆଉଟ୍‌ସୋର୍ସିଂ କର୍ମଚାରୀ

ଭୁବନେଶ୍ୱର, ୧/୦୮ (ନି.ପ୍ର): ଭୁବନେଶ୍ୱର ଲୋୟର ପିଏମ୍ ଜି ଛକରେ ଦୁଇ ଦିନ ଧରି ଆନ୍ଦୋଳନ କରିଥିବା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମଙ୍ଗଳବାର ଆନ୍ଦୋଳନରୁ ଓହରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଲୋଚନା ପରେ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିବା ପରେ ଆଉଟସୋର୍ସିଂ ମହାସଂଘର କର୍ମଚାରୀମାନେ ଆନ୍ଦୋଳନରୁ ଓହରିବା ନେଇ ମହାସଂଘ କର୍ମଚାରୀ ସୂଚନା ଦେଇଛନ୍ତି। ଆଉଟସୋର୍ସିଂ କର୍ମଚାରୀ ମହାସଂଘର ସଭାପତି କହିଛନ୍ତି, ଆନ୍ଦୋଳନକୁ ପ୍ରତ୍ୟାହାର କରାଯାଇଛି। ସ୍ଥାୟୀ ନିଯୁକ୍ତି ସହ ପେନସନ୍ ଲାଗୁ କରିବା ପାଇଁ ବିଶାଳ ଗଣଧାରଣା ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ୪୨ ବିଭାଗରେ ଥାର୍ଡ ପାର୍ଟି ଜରିଆରେ ମୋଟ ୮୦ ହଜାର କର୍ମଚାରୀ କାମ କରୁଛନ୍ତି। ୧୦ରୁ ୧୮ ବର୍ଷ ଧରି ଏମାନେ କାମ କରୁଥିଲେ ମଧ ସେମାନଙ୍କ ଦରମା ବଢୁନାହି। ଏହାସହ ବହୁତ୍ ଛଟେଇ ମଧ ହୋଇଛି। ଏହାକୁ ବିରୋଧ କରି ୧୦ ଦଫା ଦାବିରେ ଆଉଟସୋର୍ସିଂ କର୍ମଚାରୀ ରାଜରାସ୍ତାକୁ ଓହ୍ଲାଇଥିଲେ। ମୁଖ୍ୟତଃ ସ୍ଥାୟୀ ନିଯୁକ୍ତି ସହ, ସମାନ କାମକୁ ସମାନ ଦରମା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଗର୍ଭବତୀ ସମୟରେ ଛୁଟି ପ୍ରଦାନ, ପେନ୍‌ସନ୍ ଆଦିକୁ ଲାଗୁ କରିବା ଭଳି ଦାବି କରିଛି ସଂଘ। ୧୦ଟି ଦାବିରୁ କେବଳ ରେଗୁଲାରକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦାବିକୁ ସରକାର ମାନି ଥିବା ସଭାପତି କହିଛନ୍ତି।

## କଲଭର୍ଟ ଭୁଶୁଡ଼ି ୫ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ : ନିର୍ବାହୀ ଯନ୍ତ୍ରୀଙ୍କ ସହ ୩ ଯନ୍ତ୍ରୀ ନିଲମ୍ବିତ

ଭୁବନେଶ୍ୱର/ ରାୟଗଡା, ୧/୦୮ (ନି.ପ୍ର): ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର କଲଭର୍ଟ ଭୁଶୁଡ଼ି ୫ ଜଣଙ୍କ ମୃତ୍ୟୁ ଘଟଣାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏବି ମାମଲାରେ ନିର୍ବାହୀ ଯନ୍ତ୍ରୀଙ୍କ ସହ ୩ ଜଣ ଯନ୍ତ୍ରୀଙ୍କୁ ନିଲମ୍ବିତ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତିଙ୍କ ସହ କନିଷ୍ଠ ଯନ୍ତ୍ରୀ ରାଜେଶ କୁମାର ମଣ୍ଡଳ ଓ ସହକାରୀ ଯନ୍ତ୍ରୀ ଭେଙ୍କେଟରମଣ ମୁଦୁଲିଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ସମ୍ପୃକ୍ତ ଠିକାଦାରଙ୍କ ନାଁରେ ଥାନାରେ ଏତଲା ଦାୟର ହୋଇଥିବା ନେଇ ଜିଲ୍ଲାପାଳ ସ୍ୱଧା ଦେ୍ୱ ସିଂ ସୂଚନା ଦେଇଛନ୍ତି ।

## ବିଜେଡି ଅନାସ୍ଥାକୁ ବିରୋଧ ଓ ଦିଲ୍ଲୀ ବିଲ୍‌କୁ କରିବ ସମର୍ଥନ



ଭୁବନେଶ୍ୱର, ୧/୦୮ (ନି.ପ୍ର): କେନ୍ଦ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରକୁ ବିଜୁ ଜନତା ଦଳ ପୁଣିଥରେ ନିଃସର୍ତ୍ତ ସମର୍ଥନ ଦେଇ ନିଜର ଏନଡିଏ ପ୍ରୀତିକୁ ପ୍ରମାଣିତ କରିଛି। ବହୁଚର୍ଚ୍ଚିତ ଦିଲ୍ଲୀ ଅଧାଦେଶ(ଦିଲ୍ଲୀ ସର୍ଭିସ ବିଲ)କୁ ସମର୍ଥନ କରିବା ସହ ଏନଡିଏ ସରକାର ବିରୁଦ୍ଧରେ ବିରୋଧୀ ଦଳ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ବିରୋଧ କରିବ ବୋଲି ବିଜେଡି ଘୋଷଣା କରିଛି । ଏପରିକି ଉଭୟ ବିଲ୍ ଓ ପ୍ରସ୍ତାବ ଆଲୋଚନାବେଳେ ସଂସଦରେ ସାଂସଦମାନଙ୍କୁ ଉପସ୍ଥିତ ରହିବା ପାଇଁ ବିଜେଡି ପକ୍ଷରୁ ୩ ଧାଡ଼ିଆ ହ୍ୱିପ୍ ମଧ ଜାରି ହୋଇଛି । ବିଜେଡି ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର ଆଜି ଏନେଇ ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଲୋକସଭାରେ ଆଜି ଆଗତ ହୋଇଥିବା ଦିଲ୍ଲୀ ସର୍ଭିସ ବିଲକୁ ଉଭୟ ଲୋକସଭା ଓ ରାଜ୍ୟସଭାରେ ବିଜେଡି ସମର୍ଥନ କରିବ । ଏହାସହିତ ଏନଡିଏ ସରକାର ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବକୁ ବିଜେଡି ବିରୋଧ କରିବ । ବିଜେଡିର ଏହି ସମର୍ଥନ ପରେ ବିଜେପି ନେତୃତ୍ୱାଧୀନ ଏନଡିଏ ଏବେ ସୁଦୃଢ଼ ସ୍ଥିତିକୁ ଆସିଛି । ରାଜ୍ୟସଭାରେ ବିଜେଡିର ୯ଜଣ ସାଂସଦ ଥିବାରୁ ଏନଡିଏ ସରକାର ପାଇଁ ବିଜେଡିର ସମର୍ଥନ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଲୋକସଭାରେ ବିଲ୍ ଗୃହୀତ ପାଇଁ ଏନଡିଏକୁ ବିଶେଷ ସମସ୍ୟା ନାହିଁ ।

▶▶ପୃଷ୍ଠା ୭

## ଓଏଏସ ବଦଳି: ଅମ୍ବର କର ଓଡ଼ିଶା ମଦ ନିଗମ ପରିଚାଳନା ନିର୍ଦ୍ଦେଶକ

ଭୁବନେଶ୍ୱର, ୧/୦୮ (ନି.ପ୍ର): ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି । କଟକ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବରିଷ୍ଠ ଓଏଏସ ଅମ୍ବର କୁମାର କରଙ୍କୁ ଅବକାରୀ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀ କର ଅତିରିକ୍ତ ଭାବେ ଓଡ଼ିଶା ମଦ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଶ୍ରୀ କରଙ୍କ ସମେତ ବରିଷ୍ଠ ଓଏଏସ୍ ସଂଘମିତ୍ରା ଶତପଥୀଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ଶ୍ରୀମତୀ ଶତପଥୀ ଏବେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ଅବକାରୀ ବିଭାଗର ଅତିରିକ୍ତ ସଚିବ ମିହିର ପ୍ରସାଦ ମହାନ୍ତିଙ୍କୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବଦଳି ହୋଇଛି । ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବରିଷ୍ଠ ଓଏଏସ୍ ସୁବାସ ଚନ୍ଦ୍ର ରାୟଙ୍କୁ କଟକ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି । ସେହିପରି ପୁରୀ-କୋଣାର୍କ ଉନ୍ନୟନ ପ୍ରାଧିକରଣର ସଚିବ ଲଲାଟେନ୍ଦୁ ସାହୁଙ୍କୁ ଓଟିଡିସି ଜେନେରାଲ ମ୍ୟାନେଜର, ବରିଷ୍ଠ ଓଏଏସ୍ ବୈତୁରା ଦୀପଙ୍କୁ ଖୋର୍ଦ୍ଧା ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସୋନପୁର ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟଙ୍କୁ ଝାରସୁଗୁଡ଼ା ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି ।

## ବାହାନଗା ଟ୍ରେନ୍ ଟ୍ରାଜେଡି

## ଏମସ୍‌ରେ ରହିଛି ଆହୁରି ୨୯ ମୃତଦେହ

ଭୁବନେଶ୍ୱର, ୧/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଚିହ୍ନଟ ହୋଇପାରିନଥିବା ଆହୁରି ୨୯ ମୃତଦେହ ଭୁବନେଶ୍ୱର ଏମସ୍ ରେ ସଂରକ୍ଷିତ ରହିଛି। ଟ୍ରେନ୍ ଦୁର୍ଘଟଣାକୁ ଦୁଇ ମାସ ବିତିଥିଲେ ମଧ୍ୟ ମୃତଦେହ ଚିହ୍ନଟ ହୋଇପାରି ନଥିବା ଏମସ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏମସ୍ କର୍ତ୍ତୃପକ୍ଷ କହିଛନ୍ତି ଏହି ସପ୍ତାହରେ ଶେଷ ପର୍ଯ୍ୟାୟ ଡିଏନ୍‌ଏ ମ୍ୟାଚିଂ ରିପୋର୍ଟ ଆସିବ। ଅତି ବେଶିରେ ୨ରୁ ୩ଟି ମୃତଦେହ ସାମ୍ପଲ ମ୍ୟାଚିଂ କରିପାରେ। ଦାବିଦାର ନଥିବା ମୃତଦେହ



ସମ୍ପର୍କରେ ସରକାର ନିଷ୍ପତି ନେବେ। ସୂଚନା ଅନୁଯାୟୀ ଦୁର୍ଘଟଣା ପରେ ପରିଚୟ ମିଳି ପାରିନଥିବା ୧୬୨ ଟି ମୃତଦେହ ଭୁବନେଶ୍ୱର ଏମସ୍ କୁ ୨ ଟି ପର୍ଯ୍ୟାୟରେ ଅଣାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୮୧ ଟି ମୃତଦେହ ସେମାନଙ୍କ ଆତ୍ମୀୟଙ୍କୁ ହସ୍ତାନ୍ତର କରାଯାଇଛି। କିନ୍ତୁ ଏକାଧିକ ଦାବିଦାର ଭଳି ସମସ୍ୟା ପାଇଁ ମୃତଦେହ ହସ୍ତାନ୍ତରରେ ବାଧା ଉପୁଜିଥିଲା। ପରେ ଡିଏନଏ ଟେଷ୍ଟ ପରେ ଆଉ ୫୨ ଟି ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ବର୍ତମାନ ଆହୁରି ୨୯ ଟି ମୃତଦେହ ଏମସ୍ ପରିସରରେ କଂଟେନର ମଧ୍ୟରେ ସଂରକ୍ଷିତ ହରିଛି।

## ସ୍ୱର୍ଗଦ୍ୱାରରେ ହରିଶ୍ଚନ୍ଦ୍ର ସହାୟତା ନେଲେ ମିଳିବ ୪୦୦୦ ହଜାର ଟଙ୍କା

ପୁରୀ, ୧/୦୮ (ନି.ପ୍ର): ପୁରୀ ସ୍ୱର୍ଗଦ୍ୱାରରେ ଶବ ଦାହ ନିମନ୍ତେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ହରିଶ୍ଚନ୍ଦ୍ର ସହାୟତା ରାଶି ବୃଦ୍ଧି କରାଯାଇଛି। ଯେକେହି ଏହି ସହାୟତା ରାଶିର ସୁବିଧା ନେଇ ଏଠାରେ ଆତ୍ମିୟଙ୍କ ଶେଷ ସଂସ୍କାର କରିପାରିବ। ପୂର୍ବରୁ ଏଠାରେ ହରିଶ୍ଚନ୍ଦ୍ର ସହାୟତା ରାଶି ୩ ହଜାର ଟଙ୍କା ଦିଆଯାଉଥିବା ବେଳେ ଗତକାଲି ମଧ ରାତ୍ରୀ ଠାରୁ ସହାୟତା ରାଶିକୁ ୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ୪ ହଜାର ଟଙ୍କା ଭିତରେ ସେମାନଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ।

▶▶ପୃଷ୍ଠା ୭

## ଓଡ଼ିଶାରୁ ଗିରଫ ହେଲେ କେରଳର ୪ ଗଞ୍ଜେଇ ମାଫିଆ

ଗଜପତି , ୧/୦୮ (ନି.ପ୍ର): ଓଡ଼ିଶାରୁ ଗିରଫ ହେଲେ କେରଳର ୪ ଗଞ୍ଜେଇ ମାଫିଆ। ସେମାନେ ଗଜପତି ଜିଲ୍ଲାରୁ ତାମିଲନାଡ଼ୁକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୁଲିସ୍ ମାଡ଼ି ବସିଲା। ପୁଲିସ୍ ସେମାନଙ୍କୁ ୨୦ ଲକ୍ଷ ଟଙ୍କାର ଗଞ୍ଜେଇ, କାର ଓ ଲକ୍ଷାଧିକ ଟଙ୍କା ଜବତ କରିଛି। କେରଳ ପାଲକୋଟ ଅଞ୍ଚଳର ୪ ଗଞ୍ଜେଇ ମାଫିଆ ମୋହନାରେ ଡେରା ପକାଇଥିଲେ। ମାଫିଆମାନେ ବାଲିପଙ୍କଠାରେ ଏକ କଣ୍ଟେନରରେ ୨୦୮ କେଜି ଗଞ୍ଜେଇ ଲୋଡ୍ କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ମୋହନା ଥାନା ପୁଲିସ୍ ସେଠାରେ ପହଞ୍ଚି କଣ୍ଟେନରରେ ଲୋଡ୍ ହେଉଥିବା ଗଞ୍ଜେଇ ଜବତ କରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ। ଏହି ଅଭିଯୋଗରେ ପୁଲିସ୍ କେରଳର ୪ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଥିଲା।

▶▶ପୃଷ୍ଠା ୭

## ରାଜ୍ୟରେ ଅଛନ୍ତି ୭ ରୁ ୮ଟି ବାଘ ଶାବକ : ପିସିସିଏଫ୍

ଭୁବନେଶ୍ୱର, ୧/୦୮ (ନି.ପ୍ର): ରାଜ୍ୟରେ ଅଛନ୍ତି ୭ ରୁ ୮ଟି ବାଘ ଶାବକ। ଏହି ସୂଚନା ଦେଇଛନ୍ତି ପିସିସିଏଫ ସୁଶୀଲ କୁମାର ପୋପଲି । ସେ କହିଛନ୍ତି ଯେ କେନ୍ଦ୍ରୀୟ ବାଘ ଗଣନା ଗାଇଡ୍ ଲାଇନ ଅନୁସାରେ ୧ବର୍ଷରୁ କମ ବାଘ ଶାବକଙ୍କ ଗଣନା ହୁଏ ନାହିଁ। ୨୦୨୧ - ୨୦୨୨ ବେଳେ ୧ ବର୍ଷରୁ କମ ଥିବା ବାଘ ଶାବକ ଏବେ ବଡ ହୋଇ ସାରିଛନ୍ତି । ଅକ୍ଟୋବରରେ ରାଜ୍ୟ ସରକାର ବାଘ ଗଣନା କରିବେ। ଦୁଇ ମାସ ଭିତରେ ବାଘ ଗଣନା କରି ଜାନୁୟାରୀ ୨୦୨୪ ରେ ତଥ୍ୟ ପ୍ରକାଶ କରାଯିବ। ଅନ୍ୟପକ୍ଷରେ ସାତକୋଶିଆରେ ବାଘ ଶୂନ୍ୟ ହେବା ଯୋଗୁଁ ରାଜ୍ୟରେ ବାଘ ସଂଖ୍ୟା କମିଛି। ଶିମିଳିପାଳରେ ପୂର୍ବରୁ ୮ ଥିଲା ଏବେ ୧୬ ବାଘ ଅଛନ୍ତି ।


ସାଗରିକା

ଧ୍ୱନି ପ୍ରତିଧ୍ୱନି

୩୪ଶ

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୩

ଅବଗଣନା

୦୪ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ଲୋଭନୀୟ ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱଚରିତ କବିତା ପାଠୋତ୍ସବ କରାଯିବ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ।

୬ ଅଗଷ୍ଟ, ୨୦୨୩, ରବିବାର ପୂର୍ବାହ୍ନ @ ୯ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର


## ହରିୟାଣା ଗୋଷ୍ଠୀ ସଙ୍ଘର୍ଷ: ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି: ଇଣ୍ଟରନେଟ ସେବା ସ୍ଥଗିତ



ନୂଆଦିଲ୍ଲୀ, ୧/୦୮ : ହରିୟାଣା ଗୋଷ୍ଠୀ ସଙ୍ଘର୍ଷରେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି। ଦୁଇ ହୋମଗାର୍ଡଙ୍କ ସମେତ ଜଣେ ସାଧାରଣ ନାଗରିକ ଏବଂ ଜଣେ ଇମାମଙ୍କ ମୃତ୍ୟୁ ଘଟିଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଇଣ୍ଟରନେଟ ସେବା ସ୍ଥଗିତ କରାଯିବା ସହ ସ୍କୁଲଗୁଡିକୁ ବନ୍ଦ କରାଯାଇଛି। ଗତକାଲି ବିଶ୍ୱ ହିନ୍ଦୁ ପରିଷଦ(ଠୖଚ) ଶୋଭାଯାତ୍ରା ସମୟରେ ହରିୟାଣାର ନୂହରେ ଏହି ଗୋଷ୍ଠୀ ସଙ୍ଘର୍ଷ ହୋଇଥିଲା। ଏଥିରେ ଏକାଧିକ ପୁଲିସ କର୍ମଚାରୀ ମଧ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଗତକାଲି ବିଶ୍ୱ ହିନ୍ଦୁ ପରିଷଦ ଶୋଭାଯାତ୍ରା ବନ୍ଦ କରିବାକୁ ଉଦ୍ୟମ କରାଯିବାରୁ ଏହି ଗୋଷ୍ଠୀ ସଙ୍ଘର୍ଷ ଘଟିଥିଲା। ନୂହରେ ହିଂସା ଖବର ପ୍ରସାରିତ ହେବାପରେ ଗୁରୁଗ୍ରାମର ସୋହନା ରୋଡ୍ ନିକଟରେ ଦୁଇ ସମ୍ପ୍ରଦାୟର ବିକ୍ଷୋଭକାରୀମାନେ ସଂଘର୍ଷ କରିଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ମଧ ଘଟିଥିଲା। ମାମଲାକୁ ନିୟନ୍ତ୍ରଣ କରିବାକୁ ଯାଇ ପୁଲିସ ମଧ ବିକ୍ଷୋଭର ଶିକାର ହୋଇଛି। ସଙ୍ଘର୍ଷକାରୀଙ୍କ ଗୁଳିରେ ଦୁଇ ଜଣ ହୋମଗାର୍ଡ ପ୍ରାଣ ହରାଇବା ସହ ଜଣେ ସାଧାରଣ ନାଗରିକ ଏବଂ ଇମାମଙ୍କ ଜୀବନ ଯାଇଛି। ଏଥିସହ ବ୍ୟାପକ ଭଙ୍ଗା-ରୁଜା, ପୋଡା-ଜଳା ମଧ ହୋଇଛି। ବିକ୍ଷୋଭକାରୀମାନେ ମଧ ଘଣ୍ଟା ଘଣ୍ଟା ଧରି

▶▶ପୃଷ୍ଠା ୭

# ଫେବର ବ୍ଲକ ରାସ୍ତା ନିର୍ମାଣରେ ଅନିୟମିତତାକୁ ନେଇ ଆପ୍‌ର ଅଭିଯୋଗ

ପୁରୀ, ୧/୦୭ (ନି.ପ୍ର): ଫେବର୍ ବ୍ଲକ୍ ରାସ୍ତା ନିର୍ମାଣରେ ଅନିୟମିତତା ଉପରେ ଆପ୍ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଫେବର୍ ବ୍ଲକ୍ ରାସ୍ତା ନିର୍ମାଣ ସମୟରେ ନିୟମକୁ ଉଲଂଘନ କରି କଂକ୍ରିଟ ରାସ୍ତା ଉପରେ ସିଧାସଳଖ ଫେବର୍ ବ୍ଲକ୍ ପକେଇ ରାସ୍ତା ନିର୍ମାଣ ହେଇଥିଲା । ଫେବର୍ ବ୍ଲକ୍ ପକେଇ ଭୂତଳ ଜଳ ସଂରକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିବା ବେଳେ ପୁରୀ ପୌରପାଳିକା ନିଜର ମନ ମାନି କରି ନିୟମର ଉଲଂଘନ କରି କଂକ୍ରିଟ ଉପରେ ପକେଇଛି । ଯାହାକୁ ଆପ୍ ର ୟୁଥ୍ ୱିଂ ପୂର୍ବରୁ ବାରମ୍ବାର ବିରୋଧ କରିବା ପରେ ମଧ ଅନିୟମିତତାରେ ରାସ୍ତା ନିର୍ମାଣ ହୋଇଥିଲା, ଯାହାର ପ୍ରଭାବ ବର୍ଷେ ନପୁରୁଣୁ ଦେଖିବାକୁ ମିଳୁଛି । ପୁରୀର ବିଭିନ୍ନ ରାସ୍ତା ବର୍ତମାନ ଖାଲଖମାରେ ଭର୍ତି । ପ୍ରାୟତଃ ସବୁ ଫେବର୍ ବ୍ଲକ୍ ରାସ୍ତା ଖରାପ ହୋଇଯାଇଛି । ଆପ୍ ଆନ୍ଦୋଳନ କରିବା ପରେ ନବକଳେବର ରାସ୍ତା ଏବଂ ଚକ୍ରତୀର୍ଥ ରାସ୍ତା ନିର୍ମାଣ ହୋଇଥିଲା । ନବକଳେବର ରାସ୍ତା ହେଉ କି ଚକ୍ରତୀର୍ଥ ରାସ୍ତା ସବୁ ରାସ୍ତାରେ ବର୍ଷେ ନପୁରୁଣୁ ବିରାଟ ବିରାଟ ଖାଲ ସୃଷ୍ଟି ହୋଇଛି । ସ୍ୱରେଜ୍ କାମ ପାଇଁ ରାସ୍ତା ଖରାପ ହେବା ସରକାରୀ ଅଧିକାରୀଙ୍କ ବିବୃତି ସମସ୍ତଙ୍କୁ ଚକିତ ସହ ଭୟର ବାତାବରଣ ସୃଷ୍ଟି କରିଛି ବୋଲି ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି କହିଛନ୍ତି । କାରଣ ଯଦି ସ୍ୱରେଜ ପାଇଁ ଚକ୍ରତୀର୍ଥ ରାସ୍ତା ଏଭଳି ଅବସ୍ଥା ତେବେ ପୁରୀର ସମସ୍ତ ରାସ୍ତାରେ ସ୍ୱରେଜ୍ କାମ ହେଇଛି ତେବେ ସେ ରାସ୍ତା ବିପଦସଙ୍କୁଳ ବୋଲି କହିଛନ୍ତି ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି । ରାସ୍ତା କାମକୁ ନେଇ ଆପ୍ ୟୁଥ୍ ଟିମ୍ ବହୁ ଜଲ୍‌ଦୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି ଜିଲ୍ଲା ଯୁବ ସଭାପତି ଅଂଶୁମାନ ଶତପଥୀ କହିଛନ୍ତି । ପୌରପାଳିକାର ଫେବର୍ ବ୍ଲକ୍ କାମ ଅନିମିୟତତା ବିରୁଦ୍ଧରେ ଆପ୍ ଆଜି ନାୟାଳୟର ଦ୍ୱାରସ୍ଥ ହେବ ବୋଲି ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି । ପୁରୀ ପୌରପାଳିକାରେ ଜନ ପ୍ରତିନିଧି ନଥିବାରୁ ଏଭଳି ଦୁର୍ନୀତି ପୁରୀରେ ହେଉଛି ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ପୌରପାଳିକା ନିର୍ବାଚନ କରିବା ପାଇଁ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି । ଆଜିଠୁ ପୁରୀ ପୌରପାଳିକାର ସବୁ ୱାର୍ଡରେ ଘର ଘର ବୁଲି ପୌରପାଳିକା ନିର୍ବାଚନ ପାଇଁ ସଚେତନତା ଯାତ୍ରା ଆରମ୍ଭ କରାଯିବ ବୋଲି ଜିଲ୍ଲା ସଭାପତି କହିଛନ୍ତି ।

# ୭୭ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ମାଲକାନଗିରି, ୧/୦୭ (ନି.ପ୍ର): ଚଳିତ ବର୍ଷର ଜିଲ୍ଲା ସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ଡିଏନକେ ଖେଳ ପଡିଆ ଠାରେ ମହା ସମାରୋହରେ ପାଳିତ ହେବ । ଏଥି ନିମନ୍ତେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ସ୍ୱାଧୀନତା ଦିବସଟିକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ନେଇ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ ଓ ଉପଜିଲ୍ଲାପାଳ ଡଃ ଅକ୍ଷୟ କୁମାର ଖେମୁଣ୍ଡୁ ମଂଚାସୀନ ଥିଲେ । ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ । ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ୟାରେଡ଼ରେ ଅଂଶ ଗ୍ରହଣ କରିବେ । ଏଥି ସକାଶେ ଚଳିତ ମାସ ଅଗଷ୍ଟ ୧୧,୧୨, ଓ ୧୩ ତାରିଖ ଦିନ ପ୍ୟାରେଡ଼ ଅଭ୍ୟାସ ଡିଏନକେ ଖେଳ ପଡିଆ ଠାରେ ଅନୁଷ୍ଠିତ ହେବ । ଜାତୀୟ ଉତ୍ସବ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳ ୪.୩୦ ଘଟିକା ସମୟରେ ମାଲକାନଗିରି ସହରରେ ରାମଧୂନ ପରିବେଷଣ କରାଯିବ । ପୂର୍ବାହ୍ନ ୯ ଘଟିକା ୧୫ ମିନିଟ ସମୟରେ ଡିଏନକେ ଖେଳ ପଡିଆ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରି ସମବେତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବେ ଏବଂ ଅଭିଭାଷଣ ପ୍ରଦାନ କରିବେ । ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳଙ୍କୁ ସିଲ୍ଡ ଏବଂ ଅନ୍ୟାନ୍ୟ କୃତୀତ୍ୱ ହାସଲକାରୀ ଦଳଙ୍କୁ ମେମୋରିଆଲ୍ ସିଲ୍ଡ ପ୍ରଦାନ କରାଯିବ । ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଉତ୍ସବରେ ପୁରସ୍କୃତ କରାଯିବ । ସମସ୍ତ ସରକାରୀ, ବେସରକାରୀ ଓ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଉକ୍ତ ଦିନ ସକାଳ ଘ.୭.୩୦ ମିନିଟ ସମୟରେ ଜାତୀୟ ପତାକା ଉତୋଳନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଉକ୍ତ ବୈଠକରେ ପୋଲିସ ସରଜଂଟ ଜ୍ୟୋତି କୁମାର କିରୋ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ, ସମସ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ସମସ୍ତ ଗଣ ମାଧମର ପ୍ରତିନିଧିଗଣ, ବ୍ୟାଙ୍କ ଶାଖା ପରିଚାଳକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

# ବୈତରଣୀରୋଡ ରେଳଷ୍ଟେସନ ନିକଟରୁ ଉଦ୍ଧାର ଯୁବକଙ୍କ ଡାକ୍ତରଖାନାରେ ମୃତ୍ୟୁ

କୋରେଇ, ୧/୦୭ (ନି.ପ୍ର): ଗତକାଲି ଅପରାହ୍ନ ସମୟରେ ପାଣିକୋଇଲି ଥାନା ଅନ୍ତର୍ଗତ ବୈତରଣୀରୋଡ ରେଳଷ୍ଟେସନ ନିକଟରୁ ଅଜଣା ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ୱେଚ୍ଛାସେବୀ ମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲେ ।ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉକ୍ତ ଯୁବକଙ୍କୁ ଯାଜପୁର ଟାଉନ ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସୂଚନାଅନୁଯାଇ ବାଲେଶ୍ୱର ଜିଲ୍ଲା ମାର୍କୋଣା ଥାନା ଅନ୍ତର୍ଗତ ସାହୁପଦା ଗ୍ରାମର ହରେକୃଷ୍ଣ ସେଠୀଙ୍କ ପୁଅ ଅଭିରାମ ସେଠି(୨୮)ସେ ବାଲେଶ୍ୱରରୁ ଟ୍ରେନ ଯୋଗେ ବୈତରଣୀରୋଡ ଷ୍ଟେସନକୁ ଧଉଳି ଏକ୍ସପ୍ରେସ ଯୋଗେ ଆସିଥିବା ସ୍ଥାନୀୟ ଲୋକେ ଅନୁମାନ କରୁଥିଲେ । ଅନ୍ୟପକ୍ଷରେ ଯାହା ରକ୍ତ ଭିଜା ଟିକେଟରୁ ଜଣାଯାଏଛିକି ଉକ୍ତ ଯୁବକ ଟ୍ରେନରେ ଯାତ୍ରା କରୁଥିବା ସମୟରେ ଟ୍ରେନରୁ ଗଳିପଡିଥିବା କିମ୍ବା କୌଣସି ବ୍ୟକ୍ତି ଉକ୍ତ ଯୁବକଙ୍କୁ ପେଲିଦେଇପାରନ୍ତି ବୋଲି ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି । କେବଳ ଏହା ପୁଲିସର ତଦନ୍ତ ସାପେକ୍ଷ । ସୂଚନାଯୋଗ୍ୟ ବୈତରଣୀରୋଡ ଷ୍ଟେସନର ଅନତି ଦୂରରେ ଟ୍ରେନ ଲାଇନ୍ କଡ଼ରେ ସେ ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିଲେ । ଦେହ ସାରା କଟା ଦାଗ ମଧ ରହିଥିଲା । ଯାହାକୁ ଦେଖି ଅମୃତିଆ ଗ୍ରାମର କିଛି ଯୁବକ ସେ ରାସ୍ତା ଦେଇ ଯିବା ସମୟରେ ଏଭଳି ଘଟଣା ଦେଖି ସଙ୍ଗେ ସଙ୍ଗେ ସ୍ଥାନୀୟ ପାଣିକୋଇଲି ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ୍‌କୁ ଖବର ଦେଇଥିଲେ । ଗ୍ରୁପ୍ ର ସମସ୍ତ ସଦସ୍ୟ ଘଟଣା ସ୍ଥଳରେ ପହଂଚି ଗ୍ରାମବାସୀଙ୍କ ସହାୟତାରେ ୧୦୮ଆମ୍ବୁଲାନ୍ସ ଯୋଗେ ଉକ୍ତ ଯୁବକଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉକ୍ତ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଉତମ ଚିକିତ୍ସା ପାଇଁ କଟକ ବଡ ମେଡିକାଲ ପଠାଇ ଦିଆଯାଇଥିଲା ପରେ ସେଠାରେ ତାଙ୍କର ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି । ଏନେଇ ପାଣିକୋଇଲି ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

# ବରୀ ପାଇଁ ଗୌରବ ଆଣିଲେ ମଧୁସୂଦନ

ଧର୍ମଶାଳା, ୧/୦୭ (ନି.ପ୍ର): ଆଜି ପ୍ରକାଶ ପାଇଛି ଓଡିଶା ସିଭିଲ ସର୍ଭିସ ପରୀକ୍ଷା ଫଳ । ଯାଜପୁର ଜିଲା ବରୀ ପାଇଁ ଗୌରବ ଆଣିଛନ୍ତି ମଧୁସୁଦନ ପାଢୀ । ସିଭିଲ ପରୀକ୍ଷାରେ ୪୩୨ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଏହି ୪୩୨ ଜଣଙ୍କ ମଧ୍ୟରୁ ଯାଜପୁର ଜିଲା ବରୀ ବ୍ଲକ ରମ୍ଭା ପଂଚାୟତ ନେଉଳା ଗ୍ରାମର ସୀତାରାମ ପାଢୀଙ୍କ ସାନ ପୁଅ ମଧୁସୁଦନ ୨୯୨ ସ୍ଥାନରେ ରହି ଏହି ଗୌରବ ଆଣିଛନ୍ତି । ଯାହାକୁ ନେଇ ବରୀ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି । ସେ ପୂର୍ବରୁ ନେଭେଲରୁ ଅବସର ନେଇ ଏହି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ଏବେ ଏହି ସଫଳତା ପାଇବା ପରେ ଯାଜପୁର ଜିଲା ସମେତ ବରୀ ଓ ତାଙ୍କ ଗ୍ରାମରେ ଖୁସିର ଲହାରୀ ଖେଳିଯାଇଛି ।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ

ବଲାଙ୍ଗୀର, ୧/୦୭ (ନି.ପ୍ର): ଓଡିଶାର ଜଣେ ବିଶିଷ୍ଟ ଐତିହାସିକ, ସାମ୍ବାଦିକ, ଗବେଷକ, ଲିପିତତ୍ୱବିଦ୍ ଡ.ସଦାନନ୍ଦ ଅଗ୍ରୱାଲଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୋତ୍ସବ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଡ.ସଦାନନ୍ଦ ଅଗ୍ରୱାଲ ସ୍ମୃତିକମିଟି ଓ ମହର୍ଷି ବୁଦ୍ଧରାମ ଡିଗ୍ରୀ କଲେଜର ମିଳିତ ଅନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିର ଏମ୍‌ବିଆର ଡିଗ୍ରୀ କଲେଜ ମେଣ୍ଡା (ରାଜପାର୍ଲି )ରେ ହୋଇଥିବା ବେଳେ ଭୀମସାର ବୁର୍ଲା ହସପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗର ଆସୋସିଏଟ୍ ପ୍ରଫେସର ଡ.ବେଣୁଧର ପାଣ୍ଡେ ଯୋଗଦେଇ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ୩୦ଜଣ ମହିଳାଙ୍କ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ତାଙ୍କ ସମସ୍ୟାଗୁଡିକ ବିଷୟରେ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା । ଶିବିର ପୂର୍ବରୁ ସ୍ୱର୍ଗତ ଡ.ସଦାନନ୍ଦ ଅଗ୍ରୱାଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ବାଳଗୋପାଳ ପଣ୍ଡା, ନାରାୟଣ ଝାଙ୍କର, ଚୈତନ୍ୟ ବାରିକ, କଲେଜର ଅଧ୍ୟକ୍ଷ ସଚିଦାନନ୍ଦ ରଥ, ଡ.ସଦାନନ୍ଦ ଅଗ୍ରାୱାଲ ସ୍ମୃତି କମିଟିର ସିଦ୍ଧାର୍ଥ ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପଦ୍ମନାଭ ମଲ୍ଲିକ, ପୂର୍ବତନ ସରପଂଚ ହୃଷିକେଶ ପାତ୍ର, ମହାଦେବ ଜେନା, ସବ୍ୟସାଚୀ ଦଣ୍ଡସେନା ଡ.ପାଣ୍ଡେଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଲେଜର ଅଧ୍ୟାପକ ମଧୁମଙ୍ଗଳ ଖମାରୀ, ଉମାକାନ୍ତ ନାଗ, ବିକାଶ ଝାଙ୍କର, ଅଧ୍ୟାପିକା ରୋଜି ମହାରାଣା, ପୂର୍ଣ୍ଣିମା ମହାପାତ୍ର, କର୍ମଚାରୀଙ୍କ ମଧ୍ୟରେ ମହେଶ୍ୱତା ପଣ୍ଡା, ଧିରେନ୍ଦ୍ର ଝାଙ୍କର, ସଂଜୀବ ପଣ୍ଡା, ଅମିତ ସା, ରିଙ୍କୁ ମହାକୁରଙ୍କ ସହ ସ୍ଥାନୀୟ ବ୍ୟକ୍ତି ବିଶେଷ ସ୍ୱାସ୍ଥ୍ୟ ଶିବିରରେ ସହଯୋଗ କରିଥିଲେ । ମଙ୍ଗଳବାର ଦିନ ଏଠାରେ ଏକ ରକ୍ତଦାନ ଶିବିର ସହିତ ସ୍ୱର୍ଗତ ଡ.ଅଗ୍ରୱାଲଙ୍କ ଶ୍ରାଦ୍ଧଦିବସ ଉପଲକ୍ଷେ ଏକ ସମାରୋହ ମଧ୍ୟ ଅନୁଷ୍ଠିତ ହେବ ।

# ବିକାଶର ନଗ୍ନଚିତ୍ର : ଅସହାୟଙ୍କ ପାଖରେ ପହଂଚି ପାରୁନି ପ୍ରଶାସନ

କୋରେଇ, ୧/୦୭ (ନି.ପ୍ର): ଓଡିଶା ରାଜ୍ୟରେ ୨୩ବର୍ଷରେ ସ୍ଥିର ସରକାର ରାଜ୍ୟରେ ବିକାଶର ଡିମଡିମା ପିଟୁଥିବା ବେଳେ ବିକାଶର ନଗ୍ନ ଚିତ୍ର ଏବେ ବାସ୍ତବରେ ପରିଣତ ହୋଇଛି । ଯାହା କୋରେଇ ବ୍ଲକ ଅମୃତିଆ ପଂଚାୟତ ଭାଟସୋଲପଟା ଗ୍ରାମର ଧନେଶ୍ୱର ପତ୍ରିଙ୍କ ପକ୍ଷରେ ଦେଖିବାକୁ ମିଳିଛି ।ବିଧିର ଏକି ବିଚାର ଆଜି ଅସହାୟ ହୋଇ କାନ୍ଦୁଥିବା ଅନେକେ ପରିବାର ଆପଣ ଦେଖିଥିବେ କ୍ଷ ଯାହା ମୁହଁରେ ନାହିଁ ଖୁସି ଅଛି କେବଳ ଦୁଃଖ ହିଁ ଦୁଃଖ । କହି କହି ଶେଷରେ ନିଜର ଶେଷ ସମୟ ଆସି ଉପସ୍ଥିତ ହେଲାଣି ହେଲେ ସେହି କଣ୍ଠର ସେହି ବେଦନା କୁ ବୁଝିବାକୁ ନା ତତ୍ପର ଅଛି ପ୍ରଶାସନ ନା ସମାଜ । ଆଜି ଶେଷରେ ନିଜ ପାଇଁ ନହେଲେ ବି ନିଜ ପରିବାର ପାଇଁ କହିଛନ୍ତି ହେ ମାନବ ସମାଜ ଆମକୁ ଟିକେ ନିକଟରୁ ଦେଖନ୍ତୁ ଆମକୁ ସାହାଯ୍ୟ କରନ୍ତୁ । ଆମେ ଅନେକେ ଖବର ଲେଖୁଚୁ ହେଲେ ଆଜି ଯାହା ଖବର ପ୍ରକାଶ କରୁଚୁ ତାହା କୁ ବର୍ଣ୍ଣନା କରିବା ଆମ ପକ୍ଷେରେ କଷ୍ଟକର ହୋଇ ପଡିଛି । ସମାଜ ହରାଇ ବସିଛି ମାନବିକତାକୁ ଆଉ ଶେଷରେ ଭାଗ୍ୟ କୁ ଆଦରି ପଡିରହିଛନ୍ତି ଏହି ପରିବାର । ଗୋଟେ ପଟେ ପରିବାର ର ପେଟ ପୋଷିବାର ବୋଝ ତ ଅନ୍ୟ ପଟେ ବାସଗୃହ ର ବୋଝ ଏହି ଜୀବନ ଦୋ-ଛକିରେ ଧନେଶ୍ୱର ପତ୍ରି । ଆପଣ ବି କହିବେ ହେ ପ୍ରଭୁ ଏଭଳି ଦୁଃଖ କାହାକୁ ନମିଳୁ । ଏ ହେଉଛି ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅମୃତିଆ ପଂଚାୟତ ଅନ୍ତର୍ଗତ ଭାଟ ସୋଲପଟା ଗ୍ରାମର ଧନେଶ୍ୱର ପତ୍ରିଙ୍କ କରୁଣ ଦୃଶ୍ୟ ।ଧନେଶ୍ୱର ପତ୍ରି ୭୪ ବର୍ଷ ରେ ଗୋଡ଼ ଥରିବା ବୟସରେ ଭଙ୍ଗା ଘର ଏବେ ତାଙ୍କ ବୋଝ ପାଲଟିଯାଇଛି । ପରିବାର କହିଲେ ପୁଅ ବୋହୁ ଓ କୋମଳ ମତି ଶିଶୁ ସହ ବସବାସ କରନ୍ତି ଧନେଶ୍ୱର ଓ ତାଙ୍କ ପତ୍ନୀ । ଦିନରେ ଘର ଭିତରେ ସୂର୍ଯ୍ୟ ଦେଖୁଥିବା ବେଳେ ବର୍ଷା ସମୟ ରେ ଘର ଅବସ୍ଥା ସମ୍ପର୍କ ରେ କାନ୍ଦୁ ପଡୁଥିବା କଥା କୁହନ୍ତି ପତ୍ନୀ । ବର୍ଷା ହେଲେ ଛୁଆଙ୍କୁ ଘୋଡାଇ ରହିବାକୁ ପଡେ ବୋଲି କୁହନ୍ତି ପକ୍ଷାଘାତ ରେ ପୀଡିତ ପତ୍ନୀ । ଘର କହିଲେ ଚିରା ପାଲ ତଳେ ବସବାସ କରନ୍ତି ପରିବାର । ଘର ରୋଷେଇ କଥା କହିଲେ ଚୁଲି ରେ ପାଣି ହୋଇଯାଉଥିବାରୁ ଇଟା ଥୋଇ ରୋଷେଇ ହେଉଥିବା ଦେଖିବାକୁ ମିଳିଛି । ଘର ଭିତରେ ପାଣି ହେଇଯାଉଥିବାରୁ ଚଳିବା ବହୁତ କଷ୍ଟ ହେଉଛି ବୋଲି କୁହନ୍ତି ଗ୍ରାମବାସୀ । ସ୍ଥାନୀୟ ଜନପ୍ରତିନିଧି ଉକ୍ତ ରାସ୍ତା ଦେଇ ଯାଉଥିଲେ ବି କିପରି ନଜର ପଡିନି ତାହା ଏବେ ଚର୍ଚ୍ଚା ର ବିଷୟ ପାଲଟିଛି । ସ୍ୱେଚ୍ଛାସେବୀ ସଂଘଠନ କିମ୍ବା ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢାଇବା ପାଇଁ ନିବେଦନ କରିଛନ୍ତି ସ୍ଥାନୀୟ ବାସିନ୍ଦା ।ଏହି ଖବର ଗଣ ମାଧମରେ ପ୍ରକାଶ ପାଇବା ପରେ ସହଯୋଗର ହାତ ବଢାଇଛନ୍ତି ଅମୃତିଆ ପଂଚାୟତ ଅନ୍ତର୍ଗତ ରଂଗରଙ୍ଗା ଗ୍ରାମର କୀର୍ତନ ଦାଶଙ୍କ ପୁଅ ଶରତ ଚନ୍ଦ୍ର ଦାଶ(ବାବୁଲା) ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ଉପଦେଷ୍ଟା ସୁବାଷ ଧଳ, ସଭାପତି ଅଶୋକ କୁମାର ଦାସ, ପ୍ରଦୀପ ମାଝୀ, ସୁନୀଲ କୁମାର ଓଝା, ହରେକୃଷ୍ଣ ପଣ୍ଡା ପ୍ରମୁଖଙ୍କ ସହଯୋଗରେ ଅସହାୟ ପରିବାର ନିକଟରେ ପହଂଚି ପାଲ ଓ ରାସନ ସାମଗ୍ରୀ ଯୋଗାଇବା ସହ ଗୃହ ନିର୍ମାଣ ନିମନ୍ତେ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି ଯେ ଏକବିଂଶ ଶତାଧିରେ ଏଭଳି ଭାବେ ଜୀବନ ଯାପନ କରୁଥିବା ପରିବାରକୁ ତୁରନ୍ତ ପ୍ରଶାସନ ସାହାଯ୍ୟ ସହଯୋଗ କରିବାକୁ ସାଧାରଣରେ ଦାବି ହୋଇଛି ।

# କଳାକାରଙ୍କୁ ସମ୍ବର୍ଦ୍ଧିତ କଲେ ଲିକା ସାହୁ

ବଲାଙ୍ଗୀର, ୧/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ଲୋକ ସଂଗୀତ ରେ ସୁଶ୍ରୀତା ଗରୁଡ, ଲୋକ ନାଟକରେ ସାଗର କୁମ୍ଭାର ମେଧାବୃତି ପାଇବା ପାଇଁ ମନୋନିତ ହୋଇଥିବା ତଥା ସଂସ୍କୃତି ଗବେଷକ ନିଳାଚଳ ନନ୍ଦ ଙ୍କୁ ପୌରାଧକ୍ଷା ଲିକା ସାହୁ ସମ୍ବର୍ଦ୍ଧିତ କରିଛନ୍ତି । ସ୍ଥାନୀୟ ଗେଟ ସରୋବରପଡା ସ୍ଥିତ ବି.ଆର. ଆମ୍ବେଦକ କ୍ଲବ ପରିସରରେ କୁନା ବାଗଙ୍କ ସଭାପତିତ୍ୱ ଓ କାଉନସିଲର କିଶୋର କୁମ୍ଭାରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଶ୍ରୀମତୀ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରଖ୍ୟାତ କଣ୍ଠଶିଳ୍ପୀ ନବୀନ କୁଅଁର, ସମ୍ମାନିତ ଅତିଥି ଭାବେ କାଉନସିଲର ତଥା ଶ୍ରମିକ ନେତା ଶମ୍ଭୁ ନାଗ ଯୋଗ ଦେଇଥିଲେ ଓ ସମାଜସେବୀ ବିଜୟ ବାରିକ ଯୋଗ ଦେଇଥିଲେ । ଆମ ଅଂଚଳର କଳାକାରମାନେ ଜାତୀୟ ସ୍ତରରେ ସ୍ୱିକୃତି ପାଇବା ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ । କଳାକାରମାନଙ୍କୁ ପୂର୍ଣ୍ଣ ପ୍ରାଣରେ ପ୍ରୋତ୍ସାହିତ କରାଯିବ ବୋଲି ପୌରାଧକ୍ଷା କହିଥିଲେ । ବର୍ତମାନ ଆମେ ଗବେଷଣା କାର୍ଯ୍ୟରେ ଲିପ୍ତ ରହିଛୁ ତେବେ ସବୁକିଛିକୁ ସାଇତି ରଖିବାକୁ ଆମ ପାଇଁ ଏକ ଅନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ଶ୍ରୀ କୁଅଁର କହିଛି । କେବଳ କଳା ସଂସ୍କୃତି ନୁହେଁ ଶିକ୍ଷା କ୍ଷେତ୍ରରେ ମଧ ଦଳିତ ସମାଜ କାମ କରୁଛି । ଯେ କୌଣସି ବର୍ଗର ଛାତ୍ର ଛାତ୍ରୀ ଶିକ୍ଷା କ୍ଷେତ୍ରରେ ଅସୁବିଧାର ସମ୍ମୁଖିନ ହେଲେ ଆମେ ସାହାଯ୍ୟର ହାତ ବଢାଇ ଆସୁଛୁ ବୋଲି ଶ୍ରୀ ନାଗ କହିଥିଲେ । ଏହି କାର୍ଯ୍ୟକ୍ରମରେ ବାସୁଦେବ ମୁଗ୍ରୀ, ଅର୍ଜୁନ ମୁଗ୍ରୀ, ତରଣୀସେନ ଦିପ, ବିପିନ ବାରିକ, ଅଶୋକ ଦିପ, ରାଜେଶ ପାଣିଗ୍ରାହୀ, ଜ୍ୟୋତିଷ ମୁଗ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଧ୍ୟାପକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, ୧/୦୭ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ଡ଼ଃ ଗୋକୁଳାନନ୍ଦ ପାତ୍ର ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ସଭାପତିତ୍ୱ କରି ଥିବା ବେଳେ ସମ୍ମାନୀତ ଅତିଥି ରୂପେ ପ୍ରାଧାପକ ଅଶୋକ କୁମାର ଷଡଙ୍ଗୀ ଯୋଗଦାନ କରି ଡ଼ଃ ଗୋକୁଳାନନ୍ଦ ପାତ୍ର ଙ୍କୁ ମାଲକାନଗିରି ମହାବିଦ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ କାର୍ଯ୍ୟକଳାପର ଭୂୟମୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବାଣିଜ୍ୟ ବିଭାଗର ମୁଖ୍ୟ ଡ଼ଃ ରଞ୍ଜନ କୁମାର ସ୍ୱାଇଁ କାର୍ଯ୍ୟ ସଂଚାଳନ କରିଥିବା ବେଳେ ଗୌତମ ନାୟକ ଶିକ୍ଷା ବିଭାଗର ମୁଖ୍ୟ ସହଯୋଗ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଇତିହାସ ବିଭାଗର ମୁଖ୍ୟା ନମିତା ଦଣ୍ଡସେନା ଡ଼ଃ ପାତ୍ର ଙ୍କ ବଦଳି ମାଲକାନଗିରି କଲେଜର ଇତିହାସ ବିଭାଗର ଅପୂରଣୀୟ କ୍ଷତି ଘଟାଇଛି ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ । ଡ଼ଃ ପାତ୍ର ଙ୍କ ପ୍ରାୟ ୨ ବର୍ଷ ରହଣି ସମୟରେ ସେ ସମସ୍ତ ଛାତ୍ର ଓ ଅଧ୍ୟାପକ ଙ୍କ ଗହଣରେ ନିଜର ସ୍ଥାନ ସୃଷ୍ଟି କରିଥିଲେ । ସେ ଜଣେ କର୍ତବ୍ୟ ପରାୟଣ ଆଦର୍ଶ ଶିକ୍ଷକ , ସମୟାନୁ ବର୍ତିତା ଗୁଣ ତାଙ୍କ ମଧ୍ୟରେ ଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା , ଅଣ ଶିକ୍ଷକ ବନ୍ଧୁ ଉପସ୍ଥିତ ରହି ତାଙ୍କର ଶୁଭ ମଙ୍ଗଳ କାମନା କରିଥିଲେ । ଅଧ୍ୟାପକ ଙ୍କ ତରଫରୁ ପୁଷ୍ପ ଗୁଚ୍ଛ , ଉତରୀୟ ଏବଂ ସ୍ମରଣିକା ସ୍ମୃତି ସ୍ୱରୂପ ପ୍ରଦାନ କରାଯାଇଛି । ସଭା ଶେଷରେ ଉମେଶ ଚନ୍ଦ୍ର ରାଉତ ଇଂରାଜୀ ବିଷୟରେ ମୁଖ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରାକ୍ଟର ଓଲଟି ଚାଷୀ ମୃତ

ଗଞ୍ଜାମ, ୧/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ତାରାସିଂ ଥାନା ଅନ୍ତର୍ଗତ ନୂଆଟାଙ୍ଗଣ ଗ୍ରାମ ନିକଟସ୍ଥ ଏକ ବିଲରେ ଗତକାଲି ରାତି ସାଢ଼େ ୯ଟା ସମୟରେ ଜଣେ ଚାଷୀ ଟ୍ରାକ୍ଟରରେ ଚାଷ କରୁଥିବା ବେଳେ ଟ୍ରାକ୍ଟରଟି ଓଲଟି ପଡିବା ଫଳରେ ଚାଷୀ ତଥା ଚାଳକ ଧୋବା ସାହୁ ଟ୍ରାକ୍ଟର ତଳେ ଚାପି ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି ।

# ସମଲେଇ ମନ୍ଦିର ସହିତ ସିରିଡ଼ି ସାଇ ଓ ଗଣେଶ ମନ୍ଦିର ଗୋପାଳ ଜୀଉ ମନ୍ଦିର ପାଇଁ ବୈଠକ

ବଲାଙ୍ଗୀର, ୧/୦୭ (ନି.ପ୍ର): ଗତକାଲି ସନ୍ଧ୍ୟାରେ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ସମଲେଶ୍ୱରୀ ଓ ଗୋପାଳଜୀ ମନ୍ଦିର ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉପସ୍ଥିତ ସଭ୍ୟ ମାନେ ବିଭିନ୍ନ ପ୍ରକାର ପ୍ରସ୍ତାବ ଦେଇଥିଲେ । ଏଥିର ଗୋପାଳ ଜି ମନ୍ଦିର ପ୍ରାଙ୍ଗଣରେ ଏକ ଗଣେଶ ମନ୍ଦିର ଓ ଶିରିଡି ସାଇ ମନ୍ଦିର ପ୍ରତିଷ୍ଠା ସହ ମା ସମଲେଇଙ୍କ ଏକ ନୂତନ ମନ୍ଦିର ପ୍ରତିଷ୍ଠା କରିବା ସହ ପୁରୁଣା ସମଲେଇ ମନ୍ଦିରର ଉନ୍ନତି କରିବା ପାଇଁ ଦାବି କରିଛନ୍ତି । ଏହି ଅବସରରେ ଉନ୍ନୟନ କମିଟିର ଅଧ୍ୟକ୍ଷ ଭକ୍ତ ପ୍ରସାଦ ବେହେରା, ସମ୍ପାଦକ ଅସିତ୍ ପଟ୍ଟନାୟକ, ସହ ସମ୍ପାଦକ ସୌରଭ ପଟ୍ଟନାୟକଙ୍କ ସହ କମିଟିର ଉପଦେଷ୍ଟା ପ୍ରଦୀପ ମିଶ୍ର, ଅଞ୍ଜଳି ସାହୁ, ମନୀଷ ମିଶ୍ର, ଅସିତ୍ ମିଶ୍ର, ରାଜୁ କୁମ୍ଭାର, ଜୁଲୁ ପଟ୍ଟନାୟକ, କୈଳାଶ ମିଶ୍ର, ଗୋପଲ ବରାଇ , ସିଦ୍ଧାର୍ଥ ମିଶ୍ର, ରାଜୁ ଅଗ୍ରୱାଲଙ୍କ ସହ ସଭ୍ୟ ସର୍ବଶ୍ରୀ ଘୁଣ୍ଟୁ ଦାଶ, କମଳ ସାହୁ, ଡମ୍ବରୁ ସାହୁ, ଜୟନାରାୟଣ ବହିଦାର, ପିଂଟୁ ପଟ୍ଟନାୟକ, ଗୋବର୍ଦ୍ଧନ ପଟ୍ଟନାୟକ, ପାପ୍ପୁ ପଟ୍ଟନାୟକ, ପପଲୁ ପଟ୍ଟନାୟକ, ଗୋପ ପଟ୍ଟନାୟକ, ଲାଲୁ ପଟ୍ଟନାୟକଙ୍କ ସହ ବହୁ ସଭ୍ୟ ଉପସ୍ଥିତ ଥିଲେ ।

# ବ୍ରହ୍ମପୁର ସହରରେ ଲାଗିଲା ୧୮୧ ସିସି କ୍ୟାମେରା

ଗଞ୍ଜାମ, ୧/୦୭ (ନି.ପ୍ର): ଅପରାଧ ନିୟନ୍ତ୍ରଣ ଏବଂ ଟ୍ରାଫିକ୍ ଉଲ୍ଲଙ୍ଘନକାରୀଙ୍କୁ ଧରିବା ପାଇଁ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ୧୮୧ଟି ସିସି କ୍ୟାମେରା ସଂଯୋଗ କରାଯାଇଛି ବୋଲି ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) କମିଶନର କି. ସୋନାଲ ସୂଚନା ଦେଇଛନ୍ତି । ଏହି କ୍ୟାମେରା ଲାଗିବା ଫଳରେ ଅପରାଧ ନିୟନ୍ତ୍ରଣ ଓ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଠାବ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ଆଶା କରାଯାଉଛି ।

# ଭାଙ୍ଗିଲା ସ୍କୁଲ ପାଚେରୀ : ନିମ୍ନମାନର କାମ ଅଭିଯୋଗ

ଦାରିଙ୍ଗବାଡି ୦୧।୦୮ : ଶିକ୍ଷାରେ ଉନ୍ନତି ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି । ଖାସ୍‌କରି ଆଦିବାସୀଙ୍କ ବିକାଶ ପାଇଁ କୋଟି କୋଟି ଟଙ୍କା ବି ଖର୍ଚ୍ଚ କରୁଛନ୍ତି । ଆଦିବାସୀ ଛାତ୍ରଛାତ୍ରୀମାନେ କିପରି ଗୁଣାତ୍ମକ ଶିକ୍ଷାର ବଞ୍ଚିତ ନହେବେ, ସେଥିପାଇଁ ନିର୍ମାଣ ହେଉଛି ନୂତନ ବିଦ୍ୟାଳୟ । ଏଠାରେ ପାଠ ପଢିବା ସହ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ହେଲେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବୁଢ଼ାଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହାର ପୁରା ଅଲଗା ଚିତ୍ର ଦେଖିବାକୁ ମିଳିଛି । ନିମ୍ନମାନର କାମ ଲାଗି ଭାଙ୍ଗିପଡିଛି ପାଚେରୀ ।



କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବୁଢ଼ାଗୁଡାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ । ପ୍ରଥମ ପର୍ଯ୍ୟାୟରେ ବୁଢ଼ାଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ ଭାବେ ଘୋଷଣା ଲାଗି ୪୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା । ହେଲେ ପୁନର୍ବାର ପାଚେରୀ ନିର୍ମାଣ ପାଇଁ ପଇସା ହୋଇନଥିବାରୁ ବ୍ଲକ ତରଫରୁ ନୂତନ ପାଚେରୀ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର କରାଯାଇଥିଲା । ତେବେ ନୂତନ ପାଚେରୀ ନିର୍ମାଣ କରାଗଲା, ହେଲେ ନିର୍ମାଣର ଏକ ବର୍ଷ ଭିତରେ ଭାଙ୍ଗିପଡିଲା ପାଚେରୀ । ନିମ୍ନ ମାନର କାମ ଲାଗି ପାଚେରୀ ଭାଙ୍ଗିଥିବା ଜଣାପଡିଛି । ବର୍ତ୍ତମାନ ଏହି ବିଦ୍ୟାଳୟରେ ୨୨୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ବିଭାଗୀୟ ଅଧିକାରୀମାନେ ସବୁ ଜାଣିଶୁଣି ଚୁପ୍ ବସୁଛନ୍ତି । ଯାହାକୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ମାହାଙ୍ଗାର ଶତାଧିକ ବିଜେପିକର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର, ୧/୦୭ (ନି.ପ୍ର): କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୋଡ଼ାମରାଇ ଗ୍ରାମପଂଚାୟତର ସରପଂଚ ନାରାୟଣ ସେଠୀ, ପଂଚାୟତ ସମିତିସଭ୍ୟ ସୋନାଲି ପ୍ରିୟଦର୍ଶିନୀ ରାଉତ, ନାଏବ ସରପଂଚ ଆରତୀ ଜେନାଙ୍କ ନେତୃତ୍ୱରେ ସୋମବାର ଶତାଧିକ ବିଜେପି କର୍ମୀ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଶଙ୍ଖଭବନ ଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ସାଧାରଣ ସମ୍ପାଦକ, ମାହାଙ୍ଗା ବିଧାୟକ ଶ୍ରୀ ପ୍ରତାପ ଜେନା ଉପସ୍ଥିତ ରହି ସମସ୍ତ ବିଜେପି କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଜେଡ଼ିରେ ସାମିଲ୍ ହେଉଛନ୍ତି ବୋଲି ଆଜି ଯୋଗ ଦେଇଥିବା ବିଜେପି କର୍ମୀମାନେ ପ୍ରକାଶ କରିଥିଲେ । ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ତଥା ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ ।ବିଜୁ ଜନତା ଦଳରେ ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ବିଧାୟକ ଶ୍ରୀ ଜେନା କହିଥିଲେ ।



# ପୋଲାଣ୍ଡର ବକ୍ର ଜଙ୍ଗଲ



ଆମ ପୃଥିବୀରେ ଏପରି ଅନେକ ରହସ୍ୟ ରହିଛି, ଯାହାକି ଏବେବି ଅସମାଧିତ ହୋଇ ରହିଛି। ପୋଲାଣ୍ଡର କ୍ରୁକଡ ଫରେଷ୍ଟ ବା ବକ୍ର ଜଙ୍ଗଲ ଏଭଳି ଏକ ରହସ୍ୟ। ଏହି ଜଙ୍ଗଲରେ ପାଖାପାଖି ୪୦୦ବୃକ୍ଷ ୯୦ ଡିଗ୍ରୀରେ ମୋଡ଼ି ହୋଇ ରହିଛି। ଏହି ବୃକ୍ଷଗୁଡ଼ିକ କାହିଁକି ମୋଡ଼ି ହୋଇ ରହିଛି ତା'ର ଅନେକ ଥିଓରୀ ଦିଆଯାଇଛି, କିନ୍ତୁ ଏଯାଏଁ ସଠିକ୍ ଭାବେ କିଛି କୁହାଯାଇ ପାରିନି। କେତେକ ଲୋକ ଏହାକୁ ଅନ୍ୟ ଗ୍ରହରୁ ଆସିଥିବା ପ୍ରାଣୀଙ୍କ କାର୍ଯ୍ୟ ବୋଲି କହିଛନ୍ତି। ପୋଲାଣ୍ଡର ନୋବେ ସଜାରଜନାବେ ନାମକ ଏକ ଗାଁରେ ଏହି ନିଆରା ଜଙ୍ଗଲଟି ରହିଛି। ବୃକ୍ଷଗୁଡ଼ିକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଲଗାଯାଇଥିଲା। ଗଛ ଗୁଡ଼ିକ ୯୦ ଡିଗ୍ରୀରେ ମୋଡ଼ି ହୋଇଥିବାବେଳେ ୩ରୁ ୯ ଫୁଟ ପର୍ଯ୍ୟନ୍ତ ଏପରି ମୋଡ଼ି ରହିବା ପରେ ପୁଣି ଥରେ ଉପରକୁ ବଢ଼ିଛି। ସବୁ ବୃକ୍ଷ ଉପରକୁ ମୋଡ଼ି ରହିଛନ୍ତି। କେତେକଙ୍କ ମତରେ ଏହି ଗଛ ଲଗାଯିବା ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ସେହି ସମୟରେ ଟ୍ୟାଙ୍କ ଗୁଡ଼ିକ ବାରମ୍ବାର ସେହି ବାଟ ଦେଇ ଯୁଦ୍ଧ କ୍ଷେତ୍ରକୁ ଯାଉଥିବାରୁ ତା'ର ପ୍ରଭାବରେ ଗଛ ଗୁଡ଼ିକର ଏପରି ଅବସ୍ଥା ହୋଇଛି। ଆଉ କେତେକଙ୍କ ମତରେ ସ୍ଥାନୀୟ ଲୋକମାନେ ଆସବାବପତ୍ର ତିଆରି କରିବା ପାଇଁ ଗଛକୁ ଏପରି ଆକାର ଦେଇଛନ୍ତି। କେତେକ ଏହାକୁ ତୁଷାରପାତର ପ୍ରଭାବ ବୋଲି ବି କହିଛନ୍ତି।

# ବରଙ୍କ ମେଳା



ଏବେ ମଧ୍ୟ ବିହାରର କେତେ ସ୍ଥାନରେ ୭୦୦ ବର୍ଷ ତଳର ଏକ ପ୍ରାଚୀନ ପ୍ରଥା ପ୍ରଚଳିତ ହେଉଛି। ଏହି ପ୍ରଥା ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବରମାନଙ୍କର ମେଳା ଲାଗିଥାଏ। କନ୍ୟାପକ୍ଷରୁ ଏହି ମେଳାରେ ବର ଚୟନ କରାଯାଇଥାଏ। ପରେ ଏହାକୁ ପଞ୍ଜୀକାର ଯାଂଚ କରି ବିବାହ ପାଇଁ ଅନୁମତି ପ୍ରଦାନ କରିଥାନ୍ତି। କୁହାଯାଏ ୧୩୦୦ ଖ୍ରୀଷ୍ଟାବ୍ଦରେ ରାଜା ହରିସିଂହ ଦେବ ଏହି ପ୍ରଥା ଆରମ୍ଭ କରିଥିଲେ। ବିବାହ ଯୋଗ୍ୟ ପିଲାମାନେ କୌଣସି ଅସୁବିଧାର ସମ୍ମୁଖୀନ ନହେବା ପାଇଁ ଏଭଳି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ପୂର୍ବେ ସୌରାଠ, ସୀତାମଢ଼ି, ସର୍ସୋଲା, ଝଞ୍ଜାରପୁରର ପରତାପୁର, ଦରଭଙ୍ଗାର ସଞ୍ଜୁଆର, ସହରସାର ମହିଷୀ ଓ ପୂର୍ଣ୍ଣିଆ ସିଂହାସନ ସମେତ ଅନ୍ୟ ସ୍ଥାନରେ ମଧ୍ୟ ଏହି ପ୍ରଥା ପ୍ରଚଳିତ ହେଉଥିଲା। ଏବେ କେବଳ ସୌରାଠରେ ଏହି ପ୍ରଥା ରହିଛି। ଯଦିଓ ଏଥିରେ ସାମିଲ ହେବା ଲୋକଙ୍କ ସଂଖ୍ୟା କମିଗଲାଣି। ପ୍ରାଚୀନ ପରମ୍ପରା ସତ୍ତ୍ୱେ ଏହି ମେଳାରେ ବର ବଧୂଙ୍କ ମଧ୍ୟରେ ସମ୍ବନ୍ଧ ଯୋଡ଼ିହେବା ପୂର୍ବରୁ ସେମାନଙ୍କ ଭିତରେ କୌଣସି ରକ୍ତ ସମ୍ପର୍କ ଅଛି କି ନାହିଁ ପ୍ରଥମେ ଯାଂଚ କରାଯାଉଥିଲା। ନିୟମ ଥିଲା ସମାନ ଗୋତ୍ରରେ ସାତ ପିଢ଼ି ପର୍ଯ୍ୟନ୍ତ ଯେପରି କୌଣସି ରକ୍ତ ସମ୍ପର୍କ ରହିବ ନାହିଁ। ସଭାରେ ସାମିଲ ହେଉଥିବା ବର ନିଜ ପିତାମାତା ଓ ପରିଜନଙ୍କ ସହ ଆସି ଚାଦର ବିଛାଇ ବସୁଥିଲେ। କନ୍ୟାପକ୍ଷରୁ ଆସିଥିବା ଲୋକ ସମ୍ଭାବ୍ୟ ବରର ସାକ୍ଷାତକାର ପରେ ତାକୁ ପସନ୍ଦ କରୁଥିଲେ। ଏହାପରେ ପଞ୍ଜୀକାର ଏହି ସମ୍ବନ୍ଧରେ ଯାଂଚ କରି ବିବାହ ପାଇଁ ଅନୁମତି ଦେଉଥିଲେ। ଯାଂଚ ରିପୋର୍ଟରେ ହସ୍ତାକ୍ଷର କରି ଉଭୟ ପକ୍ଷକୁ ଦିଆଯାଉଥିଲା। ପୂର୍ବରୁ ଏହି ରିପୋର୍ଟ ଭୋଜ ପତ୍ର ବା ତାମ୍ର ପତ୍ରରେ ଲେଖାଯାଉଥିଲା। ଏବେ ଏହା କାଗଜରେ ଲେଖାଯାଉଛି।

# ଫେସ୍‌ବୁକ୍ ଦେଖୁନଥିବାରୁ ପତିଙ୍କୁ ଛାଡ଼ିଲେ ପତ୍ନୀ

ଲୁଧିଆନାର ସରକାରୀ କଲେଜରେ ଅଧ୍ୟାପିକା ଥିବା ଅନୀତା ସେଠୀଙ୍କର ବିବାହ ଦିଲ୍ଲୀସ୍ଥିତ ଜଣେ ବ୍ୟାଙ୍କ କର୍ମଚାରୀ ବିକ୍ରମ ଚଟଓ୍ୱାଲଙ୍କ ସହ ହୋଇଥିଲା। ଏହା ଏକ ବ୍ୟୟବହୁଳ ପଞ୍ଜାବୀ ବାହାଘର ଥିଲା ଓ ନବ ବିବାହିତ ଯୋଡ଼ି ହନିମୁନ ପାଇଁ ମରିସସ୍ ଯାଇଥିଲେ। କିନ୍ତୁ କିଏ ଜାଣିଥିଲା ଏହି ବିବାହର ଅନ୍ତ ଏତେ ଶୀଘ୍ର ହେବ! ନବ ବିବାହିତ ଦମ୍ପତି ମରିସସରେ ଏକ ରିସର୍ଟରେ ରହିଥିଲେ ଓ ୫ଦିନ ଧରି ସେମାନେ ବିଭିନ୍ନ ଟୁରିଷ୍ଟ ପ୍ଲେସ ବୁଲିବା ସହ ହୋଟେଲରେ ରହିଥିଲେ। ତେବେ ବିକ୍ରମ ଏହି ସମୟରେ ତାଙ୍କ ଫେସବୁକ ଆକାଉଂଟ ଚେକ କରିବାକୁ ଭୁଲିଯାଇଥିଲେ। ୫ଦିନ ପରେ ବିକ୍ରମ ଫେସବୁକ ଚେକ କରିନଥିବା ମନେପଡ଼ିଥିଲା। ଏକଥା ସେ ଡରିଡରି ନିଜ ପତ୍ନୀଙ୍କୁ କହିଥିଲେ। ଏକଥାରେ ଅସନ୍ତୁଷ୍ଟ ଅନୀତା ତୁରନ୍ତ ଭାରତ ଫେରି ଆସିଥିଲେ ଓ ନିଜ ପିତାଙ୍କ ଘରକୁ ଚାଲି ଯାଇଥିଲେ। ସେଠାରେ ସେ ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି। କୁହାଯାଉଛି ଅନୀତାଙ୍କ ବିବାହ ଆଲବମ ଫେସବୁକରେ ଅଧିକ ଲାଇକ ଓ କମେଣ୍ଟ ହାସଲ କରିନଥିଲା। ଅନୀତା ବିକ୍ରମଙ୍କୁ ତାଙ୍କ ବିବାହ ଆଲବମର ପ୍ରତ୍ୟେକ ଫଟୋରେ କମେଣ୍ଟ ଦେବାକୁ କହିଥିଲେ ଯାହା ବିକ୍ରମ ଭୁଲିଯାଇଥିଲେ। ଏହି ସମୟର ଅସନ୍ତୁଷ୍ଟ ଥିବା ଅନୀତା ତାଙ୍କ ବିବାହକୁ ଆଉ ଏକ ସୁଯୋଗ ଦେବା ପାଇଁ ହନିମୁନ ଆଲବମରେ ବିକ୍ରମଙ୍କୁ କମେଣ୍ଟ ଦେବାକୁ କହିଥିଲେ ଯାହା ଫଳରେ ଏହା ଅଧିକ ଲାଇକ ପାଇବ। ଯେତେବେଳେ ବିକ୍ରମ ଫେସବୁକ ଚେକ କରିବାକୁ ଭୁଲିଯାଇଥିବା କହିଲେ, ଅନୀତା ଏହକୁ ହଜମ କରିପାରିନଥିଲେ। ଅନୀତାଙ୍କ ମାଉସୀ କହିଛନ୍ତି ମାତ୍ର ୨୦୦ ସାଙ୍ଗ ଥିବା ଜଣେ ସ୍ୱାମୀଙ୍କ ସହିତ ଅନୀତା କିପରି ରହିଥାନ୍ତେ?

# ହରିଆନାରେ କେଶକଟା ଆତଙ୍କ

ହରିଆନାର ଗୁଡ଼ଗାଓଁ ଓ ଏହାର ଆଖପାଖ ଅଂଚଳରେ ଏବେ ଏକ ଅଜବ ଆତଙ୍କ ଖେଳି ଯାଇଛି। କେହି ଜଣେ ମହିଳାମାନଙ୍କ କେଶ କାଟି ନେଉଥିବା ଗୁଜବ ସୃଷ୍ଟି ହୋଇଛି। ପୋଲିସ ଅନୁଯାୟୀ ଗୁଡ଼ଗାଓଁର ରାଜେନ୍ଦ୍ର ପାର୍କ ଓ ଦେବୀଲାଲ ନଗର ଅଂଚଳରେ ରବିବାର ୨ଜଣ ମହିଳାଙ୍କ କେଶ କେହି କାଟିନେଇଥିଲା। ଏହାପରେ ରାଜ୍ୟର ବିଭିନ୍ନ ଅଂଚଳରୁ ଏପରି ଖବରମାନ ଆସିବାକୁ ଲାଗିଥିଲା। ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳିଯାଇଛି। ବିଶେଷକରି ମହିଳାମାନେ ବାହାରକୁ ଯିବାକୁ ଭୟ କରୁଛନ୍ତି ଘରେ ଶୋଇଥିବା ବେଳେ ବି କେଶ କାଟିନେବା ଘଟଣା ବି କେତେକ ସ୍ଥାନରେ ଦେଖିବାକୁ ମିଳିଛି। ଏହାକୁ ନେଇ ରାଜ୍ୟରେ ବିଭିନ୍ନ ପ୍ରକାରର ଗୁଜବ ଉଠିବାରେ ଲାଗିଛି।

# କଳାଲୁଣର ଔଷଧୀୟ ଗୁଣ



କଳା ଲୁଣର ଔଷଧୀୟ ଗୁଣରେ ଭରପୁର ହୋଇଥାଏ। ଏଥିରେ ପ୍ରାୟ ୮୦ ପ୍ରକାର ଖଣିଜ ପଦାର୍ଥ ମିଳିଥାଏ। ପେଟର ହଜମ ଶକ୍ତିର ସୁଧାର ପାଇଁ କଳା ଲୁଣ ଅତ୍ୟନ୍ତ ଉପଯୋଗୀ। ମେଦବୃଦ୍ଧି, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ଦୂର କରିବାରେ ସହାୟକ ହୋଇଥାଏ କଳା ଲୁଣ। ଏଥିରେ ଥିବା ସଲଫର ସଲ୍ଟ କାରଣରୁ ସୁଗନ୍ଧ ଆସିଥାଏ। କଳାଲୁଣ ନିଦ୍ରାହୀନତା ମଧ୍ୟ ଦୂର କରିଥାଏ। ଆଣ୍ଠୁଗଣ୍ଠି ଯନ୍ତ୍ରଣାରେ ଗରମ ପାଣିରେ କଳାଲୁଣ ମିଶାଇ ଯନ୍ତ୍ରଣା ହେଉଥିବା ସ୍ଥାନରେ ସେକ ଦେଲେ ଆରାମ ମିଳିଥାଏ। କଳା ଲୁଣ ପକାଇ ଗରମ ପାଣିରେ ବାମ୍ଫ ନେଲେ କଫ, ସର୍ଦ୍ଦି ଓ କାଶ ଦୂର ହେବାରେ ସହାୟତା ମିଳିଥାଏ। ଲାଲ ଟମାଟୋ ଓ କଳାଲୁଣ ମିଶାଇ କେଶରେ ଲଗାଇଲେ ରୂପି ଖୁବଶୀଘ୍ର ଦୂର ହୋଇଥାଏ। ହୃଦରୋଗୀ ଓ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ସାଧାରଣ ଲୁଣ ବଦଳରେ କଳା ଲୁଣ ଲାଭଦାୟକ ହୋଇଥାଏ। ଏଥିରେ ଖରାପ କୋଲେଷ୍ଟ୍ରାଲ ଓ ଶର୍କରା ନିୟନ୍ତ୍ରଣ କରିବାରେ ସହାୟତା ମିଳିଥାଏ।

# ବର୍ଷାଦିନେ କେଶର ଯତ୍ନ



- ଏହି ଋତୁରେ ଆଲକହଲଯୁକ୍ତ ସାମ୍ପୁ, କଣ୍ଡିସନର ତଥା ଅନ୍ୟାନ୍ୟ ସାମଗ୍ରୀ କେଶରେ ଲଗାନ୍ତୁନାହିଁ। ନଡ଼ିଆ ତେଲଯୁକ୍ତ ସାମ୍ପୁ ବ୍ୟବହାର କରନ୍ତୁ। ଏହା କେଶ ମୂଳର ଚର୍ମ ସଂକ୍ରମଣ ହେବାର ଆଶଙ୍କା ଥାଏ।
- ସାମ୍ପୁ ପୂର୍ବରୁ ଖୋଲା ଦାନ୍ତ ପାନିଆରେ କେଶ କୁଣ୍ଡାନ୍ତୁ ସାମ୍ପୁ ଲଗାଇବା ବେଳେ କେଶ କଟା ହୁଏ ନାହିଁ। ଉଷୁମ ପାଣିରେ କେଶ ଧୁଅନ୍ତୁ ନାହିଁ।
- ଅଳ୍ପ ପାଣିରେ ସାମ୍ପୁ ଗୋଳେଇ କେଶରେ ଲଗାନ୍ତୁ। ହାଲୁକା ମାଲିସଦ ପରେ ଧୁଅନ୍ତୁ। ସପ୍ତାହରେ ଅତି କମରେ ତିନିଥର ସାମ୍ପୁକରନ୍ତୁ।
- ସାମ୍ପୁ ପରେ ଅଳ୍ପ କଣ୍ଡିସନର ଲଗାନ୍ତୁ। ଏହାଦ୍ୱାରା କେଶ ନରମ ଓ ମଜଭୁତ ହୁଏ। ଚମକ ବଢ଼େ। ଏହାକୁ କେଶର ମୂଳ ଭାଗ ବା ମୁଣ୍ଡ ତ୍ୱଚାରେ ନ ଲଗାଇ କେବଳ କେଶରେ ଲଗାନ୍ତୁ।
- ବସାଦହି କେଶ ପାଇଁ ପ୍ରାକୃତିକ କଣ୍ଡିସନର ଭାବେ କାମକରେ। କେଶରେ ଲଗାଇ ତଉଲିଆରେ ଗୁଡ଼ାଇଦିଅନ୍ତୁ। ପନ୍ଦର ମିନିଟ୍ ପରେ ଧୁଅନ୍ତୁ।
- ଦୁଇ ଚାମଚ ଦହି ଓ ଦଇ ଚାମଚ ଲେମ୍ବୁ ରସରେ ଗୋଟିଏ ଅଣ୍ଡାର ଧଳା ଅଂଶକୁ ଭଲ ଭାବେ ଫେଂଟି କେଶରେ ଲଗାନ୍ତୁ। କୋଡ଼ିଏ ମିନିଟ ପରେ ଧୁଅନ୍ତୁ।
- ଓଦା କେଶ କୁଣ୍ଡାନ୍ତୁ ନାହିଁ। ଶୁଖିବା ପରେ କୁଣ୍ଡାନ୍ତୁ। ଏହାଦ୍ୱାରା କେଶ ଛିଣ୍ଡିବା, ଝଡ଼ିବା କମେ।



ଅଧିକ ଲାଲ ମାଂସ ଭୋଜନ ହୃତପିଣ୍ଡ ପାଇଁ କ୍ଷତିକାରକ ହୋଇପାରେ। ଏହା ଦ୍ୱାରା ହୃଦଘାତ ତଥା ହୃତପିଣ୍ଡ ସମ୍ପର୍କିତ ଅନ୍ୟ ରୋଗର ଆଶଙ୍କା ବଢ଼େ। ତେବେ ସମସ୍ତେ ଏହା ଛାଡ଼ିପାରିବେ ନାହିଁ। ତେଣୁ ଏ ବାବଦରେ ଅଧିକ ଚିନ୍ତା କରିବା ବଳଦରେ ଏହାକୁ କେଉଁ ପଦ୍ଧତିରେ ବିପଦମୁକ୍ତ କରିପାରିବେ, ଜାଣିବା ଉଚିତ। ଭୂମଧ୍ୟସାଗରୀୟ ଅଂଚଳରେ ବର୍ଷତମାମ ମିଳୁଥିବା ଏକ ଔଷଧୀୟ ଗୁଳ୍ମ ହେଉଛି "ରୋଜମେରି"। ଏହାର କେତେକ ଉପାଦାନ ଲାଲ ମାଂସର କ୍ଷତିକାରକ ଉପାଦାନଗୁଡ଼ିକ ନଷ୍ଟ କରିବାକୁ ସମର୍ଥ। ପୁଣି ଏହା କର୍କଟ ଆଶଙ୍କା ମଧ୍ୟ କମାଏ। ଏହାର ପତ୍ର ବେଶ୍ ସ୍ୱାଦିଷ୍ଟ। ମାଂସ ରାନ୍ଧୁଥିବା ବେଳେ ଏହାକୁ ମିଶାନ୍ତୁ। ଶୁଷ୍କ ରୋଜମେରି ପତ୍ର ଭାରତୀୟ ବଜାରରେ ମିଳୁଛି।




# ସୁନ୍ଦରୀ-ସ୍ୱାସ୍ଥ୍ୟବତୀ ରହିବା ପାଇଁ...



ରାତିରେ ଯେତେ ଶୀଘ୍ର ସଂଭବ ଶୁଅନ୍ତୁ, ଏବଂ ସକାଳେ ଯେତେ ଜଲଦି ହୋଇପାରେ ଉଠନ୍ତୁ। ଉଠିବା କ୍ଷଣି ପରିଷ୍କାର ଶୀତଳ ଜଳରେ ମୁହଁ ଭଲଭାବେ ଧୁଅନ୍ତୁ। ସାବୁନ ବ୍ୟବହାର କରନ୍ତୁ ନାହିଁ। ତାହାପରେ ଉଷୁମ ପାଣିରେ ଫାଳେ ଲେମ୍ବୁର ରସ ଗୋଳାଇ ପିଅନ୍ତୁ ଏବଂ ନିତ୍ୟକର୍ମ ସାରନ୍ତୁ। ଲେମ୍ବୁପାଣି ପିଇବାର ଅଧଘଂଟାପରେ ବିସ୍କୁଟ ବା ସାଦା ଟୋଷ୍ଟ ସହ ଚାହା ପିଇପାରିବେ। ଏକ ଘଂଟାପରେ ଅଳ୍ପ ଫଳାହାର ଆଉ ଅଧଘଂଟାପରେ ଜଳଖିଆ। ଜଳଖିଆରେ ନିୟମିତ ବସାଦହି ଖାଆନ୍ତୁ। ଜଳଖିଆ ଉଷୁମ ଖାଆନ୍ତୁ। ତନ୍ତୁଯୁକ୍ତ ଜଳଖିଆକୁ ଗୁରୁତ୍ୱ ଦଅନ୍ତୁ। ବଲିଉଡ଼ ସୁନ୍ଦରୀଙ୍କ ଭଳି ଦିଶିବାକୁ ଚାହାନ୍ତି ତ ଜଳଖିଆ ପୂର୍ବରୁ ବ୍ୟାୟାମ କରନ୍ତୁ। ଜିମ୍ ଯିବାକୁ ସୟମ ପାଉ ନଥିଲେ ଘରେ ଓ୍ୱାର୍ମ-ଅପ୍ ପୁସ୍ ଅପ ଷ୍ଟ୍ରେଚିଂ କରନ୍ତୁ। ଦ୍ୱିପ୍ରହରରେ ଖାଦ୍ୟକୁ ପୁଷ୍ଟିସର ବହୁଳ କରନ୍ତୁ। ମାଛ, ଅଣ୍ଡା, ଡାଲି, ପରିବା, ତରକାରି, ସାଲାଡ଼ ସହ ଅକାଣ୍ଡିଆ ଚାଉଳରେ ଭାତ ବା ଅଟା ରୁଟି। ଅପରାହ୍ନରେ ଗଜାବୁଟ ବା ଗଜାମୁଗ ସହଂ ଫଳ ରାତିରେ କମ ଖାଆନ୍ତୁ।



ଶରୀରରୁ ଝାଳ ଦୁର୍ଗନ୍ଧ ବାହାରିବା ଯୋଗୁଁ ଅଧିକାଂଶ ସମୟରେ ଲୋକମାନେ ଅପମାନିତ ଅନୁଭବ କରୁଥାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଜାପାନର ଗୋଟିଏ କମ୍ପାନୀ 'କୁନ୍‌କୁନ୍' ନାମକ ଏକ ଯନ୍ତ୍ର ବାହାର କରିଛି। ଏହା ଦେଖିବାକୁ ଏକ ଟେପ ରେକର୍ଡ଼ର ଭଳି। ଏହାକୁ ବ୍ଲୁ ଟୁଥ ଜରିଆରେ ଏକ ସ୍ମାର୍ଟଫୋନର ଆପ ସହିତ ସଂଯୋଗ କରାଯାଇଛି। ଶରୀରରୁ ଝାଳଦୁର୍ଗନ୍ଧ ବାହାରିବା ମାତ୍ରେ ଏହା ଆପଣଙ୍କୁ ସୂଚିତ କରିଦେବ। ସେ ଅନୁସାରେ ଆପଣଙ୍କ ଫୋନକୁ ଏକ ମେସେଜ ଆସିବ। ଯେଉଁଥିରେ ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ ବୋଲି ଲେଖା ହୋଇଥିବ। ଏହାଦ୍ୱାରା ଲୋକମାନେ ଅସହଜ ପରିସ୍ଥିତିରୁ ମୁକ୍ତି ପାଇପାରିବେ ବୋଲି ଏହାର ନିର୍ମାତା ଆଶା ପ୍ରକାଶ କରିଛନ୍ତି।

# ଖାଲି ପାଦରେ ଚାଲିବା ଜରୁରୀ



ପ୍ରାଚୀନ ଭାରତୀୟ ପରମ୍ପରାରେ ପ୍ରତ୍ୟେକ ବର୍ଗର ଲୋକେ ପ୍ରାୟତଃ ଖାଲି ପାଦରେ ଯାଆସ କରୁଥିଲେ। ସମୟାନୁକ୍ରମେ ଆଧୁନିକତାର ଦ୍ୱାହିଦେଇ ମନୁଷ୍ୟ ଦାମୀ ତଥା ଷ୍ଟାଇଲିଶ ଜୋତା ଚପଲ ପରିନ୍ଧିବାକୁ ଅଧିକ ପସନ୍ଦ କରୁଛି। ଏ ବାବଦରେ ଅଧିକାଂଶ ଲୋକଙ୍କ ଯୁକ୍ତି ହେଲା ବର୍ତ୍ତମାନ ପ୍ରତ୍ୟେକ ସ୍ଥାନ ଖୁବ ଅପରିଷ୍କାର। ତେଣୁ ଖାଲି ପାଦରେ ଚାଲିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେବେ ଭାରତୀୟଙ୍କ ପୂର୍ବ ପରମ୍ପରା ଏହି ଢାଂଚାରେ ଅନୁପ୍ରାଣିତ ହୋଇ ଆଜିକାଲି ଇଉରୋପରେ ଅଧିକାଂଶ ଲୋକ ଖାଲିପାଦରେ ଚାଲୁଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ଗତ ୬ବର୍ଷ ମଧ୍ୟରେ ଇଉରୋପରେ ବିଭିନ୍ନ ପ୍ରାନ୍ତରେ ୧୦୦ରୁ ଅଧିକ ପାର୍କ ଖୋଲାଯାଇଛି, ଯେଉଁଠାରେ ଲୋକେ ଖାଲି ପାଦରେ ଚଲାବୁଲା କରିଥାନ୍ତି। ବିଶେଷଜ୍ଞଙ୍କ କହିବାନୁସାରେ ଏହାଦ୍ୱାରା ରକ୍ତ ସଂଚାଳନ ଉତ୍ତମ ହେବା ସହ ଭଲ ନିଦ ହୋଇଥାଏ। ଅତି କମରେ ୧୦ ମିନିଟ୍ ଖାଲି ପାଦରେ ଚାଲିଲେ ହାଡ଼ ମଜବୁତ ହେବା ସହହ ମନ ଶାନ୍ତ ରହେ। ପରିଷ୍କାର ତଥା ସମାନ୍ତରାଳ ସ୍ଥାନରେ ଦୈନିକ ୧୦ମିନିଟ ଚାଲିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବାଘମାମୁଙ୍କ ବଂଶ...

ମଣିପୁରରେ ମଣିଷମାନଙ୍କ ଅନିୟନ୍ତ୍ରିତ, ଅଦମ୍ୟ ଏବଂ ସଭ୍ୟ ମଣିଷମାନଙ୍କ ଭାଷାରେ ଅସଭ୍ୟ ବ୍ୟବହାର ଯେତେବେଳେ ଗଣମାଧମର ଶିରୋନାମା ମଣ୍ଡନ କରି ଚାଲିଛି ତଥା ସମସ୍ତଙ୍କ ମନରେ ବିଷାଦ ଭରି ଦେଉଛି, ଠିକ୍ ସେହି ସମୟରେ ସଦ୍ୟତମ ବାଘ ଗଣନା ରିପୋର୍ଟ କେତେକାଂଶରେ ମନରେ ଆଶ୍ୱାସନା, ମୁହଁରେ ସ୍ମିତହସ ଭରିଦେବା ଭଳି ଖବର ନେଇ ଆସିଛି ବୋଲି କୁହାଯାଇପାରେ । ଆଉ ଏହି ଖବର ସୂଚାଇ ଦେଇଛି ଯେ ବାଘମାନଙ୍କର ସଂରକ୍ଷଣ କରିବାକୁ ସରକାର ଅନେକଗୁଡ଼ିଏ ଯୋଜନା କରିବା ସହିତ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ବୃଥା ଯାଇନାହିଁ। ଗତ ଶନିବାର ଦିନ ଆନ୍ତର୍ଜାତିକ ବ୍ୟାଘ ଦିବସ ଅବସରରେ ପ୍ରକାଶ ପାଇଥିବା ସଦ୍ୟତମ ତଥ୍ୟ ଅନୁସାରେ ଭାରତରେ ବାଘଙ୍କ ସଂଖ୍ୟା ୨୦୧୮ରେ ୨,୯୬୭ରୁ ବାର୍ଷିକ ୬ ପ୍ରତିଶତ ବୃଦ୍ଧି ହାରରେ ୨୦୨୨ ବେଳକୁ ୩,୬୮୨କୁ ବୃଦ୍ଧି ପାଇଛି । ଏଥି ସହିତ ଭାରତ ବିଶ୍ୱ ବ୍ୟାଘ୍ର ସଂଖ୍ୟାର ହାରାହାରି ୭୫ ପ୍ରତିଶତ ବାଘଙ୍କ ବାସସ୍ଥାନ ହୋଇ ପାରିଛି ବୋଲି ରିପୋର୍ଟ ପ୍ରକାଶ ଅବସରରେ ଉଲ୍ଲେଖ କରିଛନ୍ତି କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ । ଗତ ଏପ୍ରିଲ ମାସରେ 'ବ୍ୟାଘ୍ର ପ୍ରକଳ୍ପ'ର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ 'ବ୍ୟାଘ୍ରମାନଙ୍କ ସ୍ଥିତି ୨୦୨୨' ରିପୋର୍ଟ ପ୍ରକାଶିତ କରିଥିଲେ, ସେତେବେଳେ ସେ ଉଲ୍ଲେଖ କରିଥିଲେ ଯେ ଭାରତରେ ନିହାତି କମ୍‌ରେ ୩,୧୬୭ ବାଘ ଅଛନ୍ତି। ସୂଚନାଯୋଗ୍ୟ କି, ଦେଶରେ ପ୍ରତି ଚାରି ବର୍ଷରେ ଥରେ ବାଘମାନଙ୍କ ସଂଖ୍ୟା ଗଣନା କରାଯାଇଥାଏ। ସଂରକ୍ଷଣବିତ୍‌ମାନଙ୍କ ହୃଦୟକୁ ବାଘମାନଙ୍କ ସଂଖ୍ୟା ବଢ଼ି ଚାଲିବାର ଖବର ଯେତିକି ଆନନ୍ଦ ପ୍ରଦାନ କରିବ, ଅନ୍ୟ କୌଣସି ଖବର, ଏପରିକି ସରକାରଙ୍କ କହିବା ଅନୁସାରେ ମଣିପୁରର ସ୍ୱାଭାବିକତା ଆଡ଼କୁ ଗତି କରୁଥିବା ସ୍ଥିତି ମଧ କ୍ୱଚିତ୍ ସେତିକି ଆନନ୍ଦ ଦେବ। ଏକ ଦୃପ୍ତ ଓ ରାଜକୀୟ ଠାଣିମାଣି ଏବଂ ନିଜର ଚତୁଃପାର୍ଶ୍ୱରେ ଏକ ଆଭା ଓ ରହସ୍ୟମୟ ଚାହାଣି ନେଇ ଉଭା ହେଉଥିବା ଏହି ବନ୍ୟ ପ୍ରାଣୀଙ୍କ ସଂଖ୍ୟା ୨୦୦୬ ମସିହାରେ ଯେତେବେଳେ ମାତ୍ର ୧,୪୧୧ ସହିତ ବିଲୋପ ପଥରେ ଥିବାର ଖବର ପ୍ରକାଶ ପାଇଲା, ତାହା ବନ୍ୟପ୍ରାଣୀ ସଂରକ୍ଷକମାନଙ୍କ ମନକୁ ଆଘାତ ପହଞ୍ଚାଇବା ସଙ୍ଗେ ସଙ୍ଗେ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା ଯେ ବୋଧହୁଏ ପରବର୍ତ୍ତୀ ପିଢ଼ି କେବଳ ଯାହା ବହିର ପୃଷ୍ଠାରେ ବାଘମାନଙ୍କ ଛବି ଦେଖିବାକୁ ପାଇବ, ବାଘମାମୁ ଶବ୍ଦ କାଗଜରେ ସୀମିତ ରହିଯିବ; ଜଙ୍ଗଲରେ ସତସତିକା ବାଘ ନୁହେଁ । ପରନ୍ତୁ, ସାମ୍ପ୍ରତିକ ସମ୍ବାଦ ଅବଶ୍ୟ ସମସ୍ତଙ୍କ ମନରେ ଆଶା ଜାଗ୍ରତ କରାଇଛି ଯେ ପ୍ରକୃତ ବାଘ ଦେଖିବା ଏଣିକି ଅସମ୍ଭବ ହେବନାହିଁ । ୧,୪୧୧ ଏବଂ ତା' ପରବର୍ତ୍ତୀ ୨୦୧୦ରେ ଗଣନାର ସଂଖ୍ୟା ୧,୭୦୬ ଜଣାପଡ଼ିବା ସରକାରଙ୍କୁ ଏହି ପ୍ରାଣୀଙ୍କ ବଂଶବୃଦ୍ଧି ଉପରେ ପର୍ଯ୍ୟାପ୍ତ ଧ୍ୟାନ ଦେବାକୁ ଅନୁପ୍ରେରିତ କଲା ଯାହାର ପରିଣତି ଆଜିର ୩,୬୮୨ ସଂଖ୍ୟା। ତେଣୁ ଏହି କାରଣରୁ ବର୍ତ୍ତମାନର ସଂଖ୍ୟାକୁ ନେଇ ଖୁସି ମନାଇବାର ଓ ଆନନ୍ଦରେ ବିହ୍ୱଳିତ ହେବାର ଯଥାର୍ଥତା ରହିଛି। ଏଥିପାଇଁ ସରକାରଙ୍କୁ ଧନବଳ ଓ ଜନବଳ ଲଗାଇ ଅନେକ କଷ୍ଟ ମଧ ସ୍ୱୀକାର କରିବାକୁ ପଡୁଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ସିଏ)ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ, ଦେଶରେ ସର୍ବାଧିକ ୩,୯୨୫ ବାଘ ରହିଛନ୍ତି। ସେମାନଙ୍କର ହାରାହାରି ସଂଖ୍ୟା ହେଉଛି ୩,୬୮୨। ତଥ୍ୟ ଅନୁସାରେ, ବିଗତ ଚାରି ବର୍ଷ ମଧ୍ୟରେ ଏହି ପ୍ରାଣୀଙ୍କ ସଂଖ୍ୟାରେ ୫୦ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ୭୮୫ ସହିତ ମଧ୍ୟପ୍ରଦେଶରେ ସର୍ବାଧିକ ସଂଖ୍ୟକ ବାଘ ରହିଛନ୍ତି । ଏହା ପଛକୁ ପଛ ରହିଛନ୍ତି ୫୬୩ ସହିତ କର୍ଣ୍ଣାଟକ, ୫୬୦ ସହିତ ଉତ୍ତରାଖଣ୍ଡ, ଏବଂ ୪୪୪ ସହିତ ମହାରାଷ୍ଟ୍ର । ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ଉତ୍ତରାଖଣ୍ଡ ସେମାନଙ୍କ ନିଜ ନିଜ ରାଜ୍ୟର ଅଧିକାଂଶ ଜଙ୍ଗଲ ଅଞ୍ଚଳକୁ ବ୍ୟାଘ ସଂରକ୍ଷଣ ପ୍ରକଳ୍ପ ଭାବରେ ଘୋଷଣା କରି ଏଭଳି କରିବାର ଯଥାର୍ଥତା ଏବଂ ମୂଲ୍ୟକୁ ପ୍ରଦର୍ଶିତ କରିଥିବା ବେଳେ ତାମିଲନାଡୁ ବ୍ୟାଘ୍ର ଦେଶର ସମୀପବର୍ତ୍ତୀ ବୋଲି ଘୋଷଣା କରି ଉନ୍ନତି ପଥରେ ଆଗେଇ ଚାଲିଛି । ତେବେ ଦୁଇଗୋଟିଯାକ ତେଲୁଗୁ ରାଜ୍ୟ ଏବଂ ଓଡ଼ିଶା ଓ ଛତିଶଗଡ଼ ବାଘମାନଙ୍କ ସଂଖ୍ୟାରେ ଘଟୁଥିବା ହ୍ରାସ ପ୍ରତି ସଚେତନ ହୋଇ ବିହିତ କାର୍ଯ୍ୟାନୁଷ୍ଠାନ କରିବାର ଆବଶ୍ୟକତା ରହିଛି। ଭାରତର ମୋଟ ଭୌଗୋଳିକ ଅଞ୍ଚଳର ଏକ-ଚତୁର୍ଥାଂଶ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ। ୨୦୧୯ରୁ ୨୦୨୧ ମଧ୍ୟରେ ଯଦିଓ ଏହି ଜଙ୍ଗଲ କ୍ଷେତ୍ରରେ ମାତ୍ର ୩ ପ୍ରତିଶତରୁ ସାମାନ୍ୟ ଅଧିକ ବୃଦ୍ଧି ପାଇଛି, ବନୀକରଣ ପାଇଁ ଏବେ ସୁଦ୍ଧା ଆହୁରି ଅନେକ କିଛି କରାଯିବାକୁ ବାକି ରହିଛି । ବ୍ୟାଘ୍ର ସଂରକ୍ଷଣ ହେଉଛି ଏକ ସୂଚକାଙ୍କ ଯାହା ଜଙ୍ଗଲ ଅଞ୍ଚଳଗୁଡ଼ିକର କେତେ ପରିମାଣରେ ସୁରକ୍ଷା କରାଯାଉଛି, ତାକୁ ସୂଚାଇ ଥାଏ; କିନ୍ତୁ ଏକଥା ଅତ୍ୟନ୍ତ ସ୍ପଷ୍ଟ ଭାବରେ କହିବାରେ ଦ୍ୱିଧା ନାହିଁ ଯେ ବୈଶ୍ୱିକ ତାପାୟନ ଫଳରେ ଜଳବାୟୁରେ ଦେଖା ଦେଉଥିବା ପରିବର୍ତ୍ତନ ପରିପ୍ରେକ୍ଷୀରେ ବିଲୋପ ପଥର ପଥକ ସାଜିଥିବା ଜଙ୍ଗଲୀ ପ୍ରାଣୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଜଙ୍ଗଲ ଅଞ୍ଚଳର ବୃଦ୍ଧି ପାଇଁ ଅନେକ କିଛି କରାଯିବାର ଅନିବାର୍ଯ୍ୟତା ରହିଛି।

# ଶିଶୁପାଇଁ ସ୍ତନ୍ୟପାନ ଓ କଷ କ୍ଷୀର



**ଡାକ୍ତର କାନ୍ତୀ ନାୟକ**

'ସ୍ତନ୍ୟପାନ ପାଇଁ କର୍ମଜୀବୀ ମହିଳା ମାନଙ୍କୁ ସଚେତନ କରିବା ଓ ପ୍ରୋତ୍ସାହନ ଦେବା'

ନବଜାତ ଶିଶୁଟି ପାଇଁ ସ୍ତନ୍ୟପାନ ଅମୃତ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ମା'କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ।

ପିଲାଟି ଜନ୍ମ ହେବା ପରେ ଈଶ୍ୱର ପ୍ରଦତ୍ତ ଅନନ୍ୟ ଉପାଦାନ ହେଉଛି ମା' ଠାରୁ ଝରୁଥିବା ପ୍ରଥମ କ୍ଷୀର ଯାହାକୁ କଷ କ୍ଷୀର କୁହାଯାଏ। ଏହାର ରଙ୍ଗ ଈଷତ୍ ହଳଦିଆ। ନବଜାତ ପିଲାଟିର ଏହା ହେଉଛି ପ୍ରଥମ ଖାଦ୍ୟ। ଯେଉଁଥିରେ ପ୍ରଚୁର ପରିମାଣର ଭିଟାମିନ୍ ଏ, ଲବଣ ଓ ପୁଷ୍ଟିସାର ରହିଥାଏ। କମ୍ ପରିମାଣରେ ଶର୍କରା ଓ ଚର୍ବିଜାତୀୟ ଖାଦ୍ୟ ଓ ପୋଟାସିୟମ ରହିଥାଏ। ଏହା ବ୍ୟତୀତ ଏହା ଶିଶୁର ଅନ୍ତନଳୀରେ ଥିବା କଳା ରଙ୍ଗର ମଇଳା ଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରେ। ଏହି କଳା ରଙ୍ଗର ମଇଳା ଗୁଡ଼ିକ ଶିଶୁର ଅନ୍ତନଳୀରେ ଜମା ହୋଇ ରହିଲେ ତାକୁ ଅଧିକ ପରିମାଣର କାମଳ ରୋଗ ହୋଇଥାଏ। କାରଣ ଏହି କଳା ଝାଡ଼ାରେ ଶିଶୁର ଲେ। ହି ତ ରକ୍ତକଣିକାରୁ ବାହାରୁ ଥିବା ବିଲିରୁବିନ୍ କଣିକା ବହୁତ ରହିଥାଏ ଓ ସେଗୁଡ଼ିକ ରକ୍ତକୁ ଚାଲିଗଲେ ନବଜାତ ଶିଶୁର କାମଳ ରୋଗ ବଢ଼ିଯାଏ। କଅଁଳ ଶିଶୁଟି ମାତୃଗର୍ଭରୁ ଏହି ପୃଥିବୀ ପୃଷ୍ଠକୁ ପାଦ ଦେବା ପରେ ତାକୁ ବିଭିନ୍ନ ରୋଗର ଜୀବାଣୁ ଓ ନୂତନ ପରିବେଶର ସାମ୍ନା କରିବାକୁ ପଡ଼ିଥାଏ। ଏଥିପାଇଁ ଈଶ୍ୱର ମାତୃସ୍ତନରେ ଏହି କଷ କ୍ଷୀର ଦ୍ୱାରା ପ୍ରଚୁର ରୋଗପ୍ରତିରୋଧକ ଶକ୍ତି ରଖିଥାନ୍ତି। କଷ କ୍ଷୀରୁ ପ୍ରଥମ ପ୍ରତିଷେଧକ ଟୀକା କହିଲେ ଅତ୍ୟୁକ୍ତି ହେବନାହିଁ। ଏହି କଷ କ୍ଷୀରରେ ଇମ୍ୟୁନୋଗ୍ଲୋବଲିନ୍ ବେଶି ପରିମାଣରେ ଥାଏ ଯାହା ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

ଶିଶୁ ପାଇଁ ମା'କ୍ଷୀର ଯେ କେତେ ଉପାଦେୟ ତାହା କହିବା ଅସମ୍ଭବ ତେବେ ଏଥିରେ ଏପରି ତତ୍ତ୍ୱ ରହିଥାଏ, ଯାହା ଶିଶୁର ଶାରୀରିକ ଗଠନଠାରୁ ଆରମ୍ଭ କରି ବୁଦ୍ଧିର ବିକାଶ ପର୍ଯ୍ୟନ୍ତ ସାହାଯ୍ୟ କରେ । ମା' କ୍ଷୀରରେ ପ୍ରାକୃତିକ ରୋଗ ପ୍ରତିରୋଧକ ଆଣ୍ଟିବଡ଼ି ଥାଏ । ଏହା ଶିଶୁକୁ ସୁସ୍ଥ ତଥା ନୀରୋଗ ରଖିଥାଏ । ଏହାକୁ ପିଇଲେ ସ୍ନାୟୁ ଓ ମସ୍ତିଷ୍କର ଅଭିବୃଦ୍ଧି ଉତ୍ତମ ଭାବରେ ହୋଇଥାଏ । ପିଲାର ଦୃଷ୍ଟିଶକ୍ତି ଓ ଶ୍ରବଣ ଶକ୍ତି ଦୃଢ଼ ହୁଏ ଏବଂ ପିଲା ଶୀଘ୍ର କଥା କହିବା ଆରମ୍ଭ କରେ । ଏକ ଲିଟର ମା କ୍ଷୀରରେ ୬୪୦-୭୨୦ କି. କ୍ୟାଲୋରୀ ରହିଥାଏ । ମା'କ୍ଷୀର ସଠିକ ପରିମାଣରେ ପିଇବା ଦ୍ୱାରା ଶିଶୁର ଶାରୀରିକ ଅଭିବୃଦ୍ଧି ଠିକ୍ ଭାବେ ହୋଇଥାଏ । ପୂର୍ଣ୍ଣମାତ୍ରାରେ ମା'କ୍ଷୀର ପିଉଥିବା ଶିଶୁ ଭବିଷ୍ୟତରେ ମଧୁମେହ, ଉଚ୍ଚ ରକ୍ତଚାପ, ପାଗଳାମି, କ୍ୟାନ୍‌ସର ଆଦି ରୋଗରେ ସମ୍ମୁଖୀନ ହେବା ଆଶଙ୍କା କମ୍ ଥାଏ ।

ଶିଶୁକୁ ସ୍ତନ୍ୟପାନ କରାଇବା ସମୟରେ କେତେକ ଦିଗ ପ୍ରତି ସତର୍କ ରହିବାକୁ ପଡ଼ିଥାଏ । ପ୍ରଥମ କଥା ହେଲା ଶିଶୁଟି ଜନ୍ମ ହେବାର ଅଧଘଣ୍ଟାଏ ମଧ୍ୟରେ ତାକୁ ମା'ର କକ୍ଷ ବକ୍ଷ କ୍ଷୀର ବା କୋଲେଷ୍ଟ୍ରମ୍ ପିଆଇବା ଦରକାର । ଜନ୍ମର ପ୍ରଥମ ତିନି ଦିନ ଶିଶୁକୁ ଏହି କ୍ଷୀର ପିଆଇବା ନିହାତି ଦରକାର । ଶିଶୁଟି ୬ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଜରୁରୀ । ଶିଶୁକୁ ସ୍ତନ୍ୟପାନ କରାଇବା ପୂର୍ବରୁ ମା' ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେବା ଦରକାର। ଅବସାଦଗ୍ରସ୍ତ ହୋଇ ସ୍ତନ୍ୟପାନ କରାଇବା ଠିକ୍ ନୁହେଁ । ସ୍ତନ୍ୟପାନ କରାଇବା ପୂର୍ବରୁ ମା' ଆରାମରେ ବସିବା (ଯେମିତି ପିଠି ୯୦ ଡିଗ୍ରୀରେ ରହିବ) ଦରକାର । ପିଲାକୁ କୋଳରେ ଏପରି ବସାନ୍ତି ଯେପରି ସେ ଆରାମରେ ସ୍ତନ୍ୟପାନ କରିପାରିବ । ଏହି ସମୟରେ କେତେକ ପିଲା ଅଝଟ କରିଥାଆନ୍ତି । ସେମାନଙ୍କୁ ବୁଝାଇବା ପାଇଁ ମା' ଲୋରି ଗାଇ କିମ୍ବା ପିଠି ଥାପୁଡ଼ାଇ ସ୍ତନ୍ୟପାନ କରାଇବା ଦରକାର । ଏହି ସମୟରେ ମା' ଆଦୌ ବିରକ୍ତିଭାବ ପ୍ରକାଶ କରିବା ଠିକ୍ ନୁହେଁ । ଅପରପକ୍ଷେ ଶିଶୁଟି କେତେ ଘଣ୍ଟା ଅନ୍ତରରେ ସ୍ତନ୍ୟପାନ କରିବ ସେଥିନେଇ ମା'ଅବଗତ ହେବା ଦରକାର । ଶିଶୁକୁ ପ୍ରତି ୨-୩ ଘଣ୍ଟା ଅନ୍ତରରେ ସ୍ତନ୍ୟପାନ କରାଇବା ଆବଶ୍ୟକ । ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସ୍ତନ୍ୟପାନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସ୍ତନ୍ୟପାନ ଦ୍ୱାରା ମାଆ ଆତ୍ମସନ୍ତୋଷ ଓ ଗଭୀର ଆତ୍ମତୃପ୍ତି ପାଇବା ସହ ମାଆର ରକ୍ତହୀନତା, ସ୍ତନକର୍କଟ ଓ ଡିମ୍ବାଶୟ କର୍କଟ ରୋଗରୁ ରକ୍ଷା କରିଥାଏ । ସୁସ୍ଥ ମାଆ ଶିଶୁର ଉପଯୁକ୍ତ ଯତ୍ନ ନେବାକୁ ବେଶ୍ ସମର୍ଥ ହୋଇଥାଏ । ସ୍ତନ୍ୟପାନ କରାଇବାବେଳେ ବିଶେଷ କରି ନବଜାତ ଶିଶୁ ଜନ୍ମର ଅଧଘଣ୍ଟା ମଧ୍ୟରେ ମାଆ କ୍ଷୀର ଖୁଆନ୍ତି । ସିଜରିଆନ୍ ଅପରେସନ ହୋଇଥିଲେ ମଧ ଶିଶୁଟିକୁ ଦୁଇ/ତିନିଘଣ୍ଟା ଭିତରେ କ୍ଷୀର ଦିଅନ୍ତୁ । ମନେରଖନ୍ତୁ ମାଆ କ୍ଷୀର ଦେବା ପୂର୍ବରୁ ଶିଶୁକୁ କୌଣସି ବାହାର ଖାଦ୍ୟ ବା ପାନୀୟ ଦିଅନ୍ତୁ ନାହିଁ । ଶିଶୁଟିର ଜନ୍ମରୁ ଛଅ ମାସ ପୁରିବା ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଖୋଇବା ପାଇଁ ପ୍ରଚେଷ୍ଟିତ ହୁଅନ୍ତୁ । ମନେରଖନ୍ତୁ ଶିଶୁର ସମସ୍ତ ସଂକ୍ରମଣ ରୋଗ ପାଇଁ ମାଆ କ୍ଷୀର ମହୋଷଧିପରି କାମ କରିଥାଏ ସେଥିପାଇଁ କୁହାଯାଏ ମା କ୍ଷୀର ଅମୃତ ଆହାର । କେତେକ କ୍ଷେତ୍ରରେ ଦେଖାଯାଏ ପିଲାଙ୍କୁ କ୍ଷୀର ଦେବା ନେଇ ଭ୍ରାନ୍ତ ଧାରଣା ରହିଥାଏ। ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାଆ କ୍ଷୀର ଠାରୁ ପିଲାଟି ପାଇଁ ଶ୍ରେଷ୍ଠ ଅମୃତ ଆଉ କିଛି ହିଁ ନାହିଁ। ଏବଂ ପ୍ରାଥମିକ ସ୍ତରରେ ପିଲାଟି ପାଇଁ ମାଆ କ୍ଷୀରରେ ଯେଉଁପରି ଉପାଦାନ ରହିଥାଏ ତାହା ବିଭିନ୍ନ ରୋଗ ପାଇଁ ଅମୋଘ ଅସ୍ତ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ବିଶ୍ୱ ସ୍ତନ୍ୟପାନ ସପ୍ତାହର ମର୍ମ ବିଶେଷକରି ମାଆ ମାନଙ୍କ ଦ୍ୱାରା ସାର୍ବଜନୀନ ଗ୍ରହଣୀୟ ହେଲେ ଏହାର ପ୍ରାସଙ୍ଗିକତାର ଗୁରୁତ୍ୱ ରହନ୍ତା। ସ୍ତନ୍ୟପାନ ପ୍ରସଙ୍ଗରେ କୌଣସି ପରାମର୍ଶ ବା ମତ ଗ୍ରହଣୀୟ ଥିଲେ ଆପଣଙ୍କ ନିକଟସ୍ଥ ସରକାରଙ୍କ ଡାକ୍ତରଖାନାର ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସରକାରଙ୍କ ତରଫରୁ ଏ ନେଇ ଅନେକ ଜନସଚେତନଧର୍ମୀ କାର୍ଯ୍ୟକ୍ରମର ଶୁଭାରମ୍ଭ ହେଉଛି ତାହାର ସହଯୋଗ ବି ନିଅନ୍ତୁ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

### ବିଶ୍ୱ ସ୍ତନ୍ୟପାନ ସପ୍ତାହ (ଅଗଷ୍ଟ ୧ରୁ ୮)

ମା'କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ମା'ଶବ୍ଦ ମନକୁ ଆସିଲେ ଆପେ ଚାଲିଆସେ ମମତାର ଭାବନା ମା' ଓ ମମତା ସହ ଜଡ଼ିତ ଆଉ ଏକ ଶବ୍ଦ ସ୍ତନ୍ୟପାନ। କିଏ କହେ ଅମୃତର ଧାରା ତ କିଏ କହେ ମମତାର ବିନ୍ଦୁ। ଶିଶୁଟି ଜନ୍ମ ହେବା ଠାରୁ ଛଅ ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ ମସିହାରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ। ଚଳିତ ବର୍ଷ ଏହି ସପ୍ତାହର ବାର୍ତ୍ତା ରହିଛି - 'ସ୍ତନ୍ୟପାନ ପାଇଁ କର୍ମଜୀବୀ ମହିଳା ମାନଙ୍କୁ ସଚେତନ କରିବା ଓ ପ୍ରୋତ୍ସାହନ ଦେବା'।

# ରାମକଥା ଓ ବୈଦେହୀଶ ବିଳାସ

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**



ରାମକଥାକୁ ଏକ ବୌଦ୍ଧିକ ରୂପ ନେଇ ଓଡ଼ିଆ ରାମ ସାହିତ୍ୟ ରଚନାର ଉନ୍ନତି ସାଧନ କରିଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ତାଙ୍କର ବୈଦେହୀଶ ବିଳାସ, ରାମଲୀଳାମୃତ, ଅବନାରସତ ରଂଗ ଓ ଷୋଳପୋଇ ପ୍ରଭୃତି ରାମକାବ୍ୟ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ଏକ ବିଶିଷ୍ଟ କୃତି। ଏଥିମଧ୍ୟରୁ 'ବୈଦେହୀଶ ବିଳାସ' ଆକାରରେ ତଥା ପ୍ରସିଦ୍ଧି ଦୃଷ୍ଟିରୁ ଅନ୍ୟ ରଚନା ଅପେକ୍ଷା ବିଶେଷ ଲୋକପ୍ରିୟ। ବୈଦେହୀଶ ବିଳାସରେ ବର୍ଣ୍ଣିତ ବିଷୟବସ୍ତୁ ଅନ୍ୟ ରାମକାବ୍ୟ ଗୁଡ଼ିକରେ ମଧ ଦୃଷ୍ଟିଗୋଚର ହୁଏ। ଏଥିପାଇଁ ବୈଦେହୀଶ ବିଳାସକୁ ଆଲୋଚନା କଲେ ରାମକଥା ବିକାଶରେ କବି ଉପେନ୍ଦ୍ର ଭଞ୍ଜଙ୍କୁ ଅବଦାନ ସମ୍ପର୍କରେ ଏକ ସ୍ପଷ୍ଟ ଚିତ୍ର ମିଳିଥାଏ। ବୈଦେହୀଶ ବିଳାସ ନାମକରଣରୁ ହିଁ ଉପେନ୍ଦ୍ର ଭଞ୍ଜଙ୍କ ସ୍ୱତନ୍ତ୍ର ଉପଲବ୍ଧି କରିହୁଏ।

ବୈଦେହୀଶ ବିଳାସରେ ଗୃହୀତ ରାମକଥାର ମୂଳ ସ୍ରୋତ ଭାବରେ କବି ବ୍ୟାସ, ବାଲ୍ମୀକି, ଭୋଜ ନରେଶ, ମହା ନାଟକକାର ଓ କୃପାସିଂଦାଙ୍କ ନାମ ଉଲ୍ଲେଖ କରିଛନ୍ତି। ଗ୍ରନ୍ଥର ବିଷୟବସ୍ତୁକୁ ଅନୁଶୀଳନ କଲେ ଜଣାଯାଏ।


ଜଗମୋହନ ରାମାୟଣରେ ବର୍ଣ୍ଣିତ ଥିବା ଶିବ ପାର୍ବତୀଙ୍କ ସମ୍ବାଦ ଓ ସମ୍ପୂର୍ଣ୍ଣ ଉତ୍ତରାକାଣ୍ଡକୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ 'ବୈଦେହୀଶ ବିଳାସ' କାବ୍ୟରେ ଗ୍ରହଣ କରିନଥିଲେ ମଧ କାବ୍ୟରୀତିକୁ ଅନୁସରଣ କରି ବଳରାମ ଦାସଙ୍କ ରାମାୟଣର ଘଟଣାବଳୀ ତଥା କଥାକ୍ରମକୁ ଗ୍ରହଣ କରିଛନ୍ତି।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ 'ବୈଦେହୀଶ ବିଳାସ'ରେ କେବଳ ଶ୍ଳେଷ, ଅଳଙ୍କାର ପ୍ରୟୋଗ କରି କେତେକ ଘଟଣାର ପରିବର୍ତ୍ତନ ଯେ ଆଣିପାରିଥିଲେ ତାହା ନୁହେଁ ବରଂ କେତେକ ଘଟଣା ପରିବର୍ତ୍ତନ କରାଇପାରିଥିଲେ। 'ଅହଲ୍ୟା' ଉପାଖ୍ୟାନରେ ଏହି କେତେକ ପାର୍ଥକ୍ୟ ପରିଲକ୍ଷିତ ହୁଏ। ଅହଲ୍ୟାଙ୍କ ସୃଷ୍ଟିକାଳରେ ଗୌତମ ବ୍ରହ୍ମାଙ୍କ ପାଖରେ ଉପସ୍ଥିତ। ଆଉ ବ୍ୟଂଜନଚାଳନା କରିବା, ଦେବତାଙ୍କ ମଧ୍ୟରେ ସୂର୍ଯ୍ୟଙ୍କୁ ଅନ୍ତର୍ଭୁକ୍ତ କରିବା ଶ୍ରୀରାମଙ୍କ ପାଦସ୍ପର୍ଶ ଲାଗି ଗୌତମଙ୍କ ଆଶ୍ରମସ୍ଥିତ ଶିଳା ଅବତାରରେ ପରିଣତ ହେବା ସମସ୍ତ ବନ ପ୍ରବେଶ ଶ୍ରୀରାମଙ୍କ ସେହି କନ୍ୟାପରି ଦୃଶ୍ୟ ହେବା ପ୍ରଭୃତି ଏହାର ଅନ୍ୟ ଏକ ଏକ ଉଦାହରଣ।

ଏହି ସବୁ ଦୃଷ୍ଟିରୁ ଅନୁଧ୍ୟାନ କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଓଡ଼ିଶାରେ ରାମ କଥାର ବିକାଶ ପ୍ରତି ଉପେନ୍ଦ୍ରଙ୍କ ଦୃଷ୍ଟିଭଙ୍ଗୀ ଥିଲା ଅଭିନବ ଓ ସୁସ୍ପଷ୍ଟ। ସେ ତାଙ୍କର ପୂର୍ବବର୍ତ୍ତୀ କାବ୍ୟ ଓ ପୁରାଣକାରଙ୍କ ପରି ନୂଆ କଥା ସଂଯୋଜନା କରିବାରେ ବିଶେଷ ଆଗ୍ରହ ପ୍ରଦର୍ଶନ କରୁନଥିଲେ। ବରଂ ରୀତିଯୁଗୀୟ ଆବଶ୍ୟକତାକୁ ପରିପୂର୍ଣ୍ଣ କରିବା ପାଇଁ ସେ କାବ୍ୟ ମଧ୍ୟରେ ଉକ୍ତି ଅପେକ୍ଷା ଶୃଙ୍ଗାରିକ ସରଳ ଶବ୍ଦାବଳୀ ସ୍ଥାନରେ ଶ୍ଳେଷ, ଅଳଙ୍କାରଯୁକ୍ତ ଭାଷା ବ୍ୟବହାର କରି ବୈଦେହୀଶ ବିଳାସକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛନ୍ତି। ପ୍ରସଙ୍ଗ ଦୃଷ୍ଟିରୁ ତାଙ୍କର ସଂଯୋଜନା ଅତ୍ୟନ୍ତ ଗୌଣ ହେଲେ ମଧ ରାମ କଥାର ବିକାଶ ଦିଗରେ ଏସବୁ ବିଶେଷ ମହତ୍ତ୍ୱପୂର୍ଣ୍ଣ। ପରିଶେଷରେ ଏଭଳି କହିଲେ ଯଥେଷ୍ଟ ହେବ ଯେ ପ୍ରଥମ ଆଳଙ୍କରିକ କବିଭାବେ ଏବଂ ପ୍ରଥମ ଅଭିଧାନ ରଚୟିତା ଭାବେ ସେ ଯେତେ ପ୍ରସିଦ୍ଧ ନୁହଁନ୍ତି ଯୁଗଚେତନାକୁ ବୈଦେହୀଶ ବିଳାସରେ ରୂପାୟନ କରି ସେ ଆହୁରି ଚିରସ୍ମରଣୀୟ ହୋଇପାରିଛନ୍ତି।

ଶିଖରପୁର ଉପରସାହି, କଟକ,
ମୋ: ୮୨୮୦୯୬୩୨୮୩



### ଅଝଟ ଶ୍ରାବଣ
**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ମୁଷଳ ବର୍ଷା ବରଷି ଯିବା ଦେଖି
ବିକଳ ହୁଏ ମନ
ଘନ ଘନ ବିଜୁଳିରେ ଦେହ ଥରେ
ଆଖିରୁ ଅମାନିଆ ଲୁହ ଝରେ
ଅକସ୍ମାତ୍ ତୁମ କଥା
ବହୁତ ମନେପଡ଼େ ।

ଇଚ୍ଛା ହୁଏ ତୁମ ସହ ଭିଜିବାକୁ
ଅତୀତର ସ୍ମୃତିରେ ହଜିବାକୁ ।

ବିତିଲାଣି ଅନେକ ଦିନ
ନାହିଁ ତୁମ ସହ ବାର୍ତ୍ତାଳାପ
ଦେଖା ସାକ୍ଷାତ କିମ୍ବା
ଚିଠି ପତ୍ର ଆଦାନ ପ୍ରଦାନ

ତଥାପି ରିମ୍ ଝିମ୍ ବର୍ଷାରେ
ଝଙ୍କୃତ ତୁମ ପାଦର ନୂପୁର
ଫିଟି ଲୋଟେ କଟିର ମେଖଳା
ଗହ ଗହ କୃଷ୍ଣ କେଶ
ରୁଣୁ ଝୁଣୁ କଚଟି କଙ୍କଣ
ମୋ ନିଶବ୍ଦ ଅଗଣାରେ ।

ଏତେ ଦିନ ଉପରାନ୍ତ
ଆଜିବି ସେହି ପୁରୁଣା
ବୀଣା ବଜାଏ ଅଝଟ ଶ୍ରାବଣ ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ: ୯୯୬୮୨୮୦୮୯୬

### ଦୁର୍ଗମ ପଥରେ
**ଡ. ଅନିଲ ନନ୍ଦ**



ଦୁର୍ଗମ ପଥରେ ଚାଲୁଥିବା ବେଳେ
ନିର୍ଜନତାରୁ ମାଡ଼ି ଆସୁଥାଏ ଭୟ
ନିସ୍ତବ୍ଧତାରେ ଗଢି ହେଉଥାଏ
ଆଶଙ୍କା
କି କି ବିପଦ ଥାଏ କେଜାଣି
ଭାରି ମାଡ଼ିମାଡ଼ି ପଡୁଥାଏ ।

ପାଦକୁ ନେଇ
ଚାଲିକୁ ନେଇ
ରାସ୍ତାର ଦୀର୍ଘତାକୁ ନେଇ
ଶୀତେଇ ଉଠେ ଦେହ ।

ଟିକେ ପ୍ରକୃତିସ୍ଥ ହେବାକୁ
କିଛିକ୍ଷଣ ଖୋଜାପଡେ
ନିଶାଚର ଆଶ୍ରା ନେଇଥିବା
ଯେତେ ଯେତେ କୋରଡ ଗଛର
ଅହେତୁକ ବୁଣି ହେଇଯାଏ
ତୁମକୁ ଲୁଚେଇଥିବା ପ୍ରାର୍ଥନା
ଏବଂ ଡାକିବାର ମୁମୂର୍ଷୁ ସ୍ୱରଟିଏ ।

କିଛି ଅଦ୍ଭୁତ ଘଟିବାର ନଥାଏ
ଯେଣୁ ଦୁର୍ଘଟଣାର ଛାତି ଉପରେ
ଲମ୍ବି ଯାଇଥାଏ ସଡ଼କ
ଯାତ୍ରାକୁ ନେଇ ଲେଖା ଯାଇ ନଥାଏ
ନିଶ୍ଚିତ ଶୁଭଯୋଗର ପାଣ୍ଡୁଲିପି
ସମ୍ଭାବନାରେ ଥରକୁ ଥର
ଖସି ପଡୁଥାଏ ପାଗ
ନିଜକୁ ନେଇ ନିଜ ସଙ୍ଗରେ
ଚାଲିଥାଏ ରୀତିମତ ଲଢ଼େଇ ।

କ୍ୟାମ୍ପସ -୯, କିଟ୍
ଭୁବନେଶ୍ୱର
ମୋ : ୯୯୩୭୮୪୩୩୬୮

### ଜନ୍ମ ଓ ମୃତ୍ୟୁ
**କଳ୍ପନା ମିଶ୍ର**



ଜନ୍ମରୁ ମରଣ ଆଡକୁ ମୋ ଗତି
ବୟସଟା ସରି ଯାଉଛି
ଜୀବନ ଦୀପରୁ ତେଲ ସରିଯିବ
କେତେବେଳେ କିଏ ଜାଣିଛି ।

ବନ୍ଧୁ ପରିଜନ ଆତ୍ମୀୟ ସ୍ୱଜନ
ଲୋତକ ଢାଳିବେ ବସି
କୋକେଇ ସଜାଡି ସାହି ଭାଇମାନେ
ଶ୍ମଶାନକୁ ନେବେ ଆସି ।

ରାମନାମ ସତ୍ୟ ଆଉ ଯା ଅସତ୍ୟ
ଏକଥା ତୁଣ୍ଡେ ଉଚ୍ଚାରି
ଖଇ କଉଡିକୁ ବିଞ୍ଚି ବିଞ୍ଚି ନେବେ
ବେଳ ତୋ ଯିବଲୋ ସରି ।

ଜୁଇର ନିଆଁରେ ଜଳିବ ଶରୀର
ହୋଇବ ମୁଠେ ପାଉଁଶ
ଜୀବନ ଯନ୍ତ୍ରଣା ସବୁ ଅଭିନୟ
ଯାତ୍ରା ହୋଇଯିବ ଶେଷ ।

ମାଟି ଦେହ ମୋର ମାଟିରେ ମିଶ୍ୱି
କିଛି ମୁହିଁ ନେବି ନାହିଁ
ଲୋଭ ମୋହ ମାୟା ବନ୍ଧନ କାଟିକି
ଆତ୍ମା ଉଡିଯିବ କାହିଁ ।

ହରିପୁର, ସୁକିନ୍ଦା
ଜିଲ୍ଲା ଯାଜପୁର-୭୫୫୦୧୮
ମୋ: ୮୮୪୭୮୪୯୦୯୩

### ଜୀବନ ଗଛ
**ସୁନନ୍ଦା ମହାନ୍ତି**

ସୁଖର ଗଛରେ ଦୁଃଖର ଆଳାପ
ହୃଦୟ ଛୁଏଁ ଅଳପ ଅଳପ
ଦୁଃଖ କବିତା ଭିତରେ ସୁଖ ସାରାଂଶ
ଲାଗେ ଅଭିନୟ ସଂଳାପ
ପୁଣ୍ୟର ବୃକ୍ଷ ଅଣ୍ଟି ପାତି ଭିକ୍ଷାମାଗେ
କରନାହିଁ ପାପ ପ୍ରଳାପ
ପୁଣ୍ୟ ନଈର ଖରସ୍ରୋତା ଢେଉ
ମଥା ପିଟି ବେଳବୁକେ ଲେଖେ
ଗଳପ
ଚେର ଡ଼ାଳ ଫଳ ମୂଳ ସହ ଗୁଳ୍ମଠୁ ଦ୍ରୁମ
ପ୍ରତିଶ୍ରୁତି ବଦ୍ଧତା ସମାହାରେ ବୃକ୍ଷ
କଳପ
ବାଟରେ ବାଟୋଇ ପଥିକ ଖୋଜି ଛାଇ
ମାଗେ ସାରସ୍ୱତ ଆଳାପ
ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା
ଅର୍ଥରେ କାହିଁ ବିକଳ୍ପ
ଗୁଳ୍ମ ଉପରେ ଗଡିଯାଇ ଥରେ ଦେଖ
ଜୀବନର ନିଦ୍ରା ମାପି ସ୍ୱଳପ
ଏତେ ସପନକୁ ରାତି ନାହିଁ ଆଉ
ଉଠ ଭାଗବତ ବିଶ୍ୱାସୀ କର ଜପତପ
ଅଢେଇ ଦିନର ନାଟକରେ ଅଢେଇ
ଅକ୍ଷର
ପ୍ରେମଫୁଲ ଫୁଟେ ଗୋଲାପ
ଏକ ମନ ଏକ ହୃଦୟ ସଂସାରେ
ସଂସାରୀ
ପଥିକର ଗଛ ଏଠି ଖାଲି ପଶ୍ଚାତାପ
ଜୀବନ ଗଣିତ ଭିତରେ ପ୍ରାକୃତିକ
ବିସ୍ମୟ
କେବେ ବୃତ୍ତ ବ୍ୟାସ ପରିଧି ବା
ଖଣ୍ଡେ ଚାପ ।

ସାକ୍ଷୀଗୋପାଳ, ପୁରୀ

## ଶାଢ଼ି ପିନ୍ଧି ବି କୁସ୍ତି

ଶାଢ଼ି ଭାରତୀୟ ମହିଳାଙ୍କ ପାରମ୍ପରିକ ପରିଧାନ। କିନ୍ତୁ ଆଜିକାଲି ଶାଢ଼ି ମହିଳାମାନଙ୍କ ପାଇଁ ପ୍ରାଥମିକତା ହୋଇ ରହିନି। ଶାଢ଼ି ଅପେକ୍ଷା ମହିଳାମାନେ ସାଲୱାର କମିଜ, ଜିନ୍ସ ଆଦିରେ ନିଜକୁ ଅଧିକ ସୁରକ୍ଷିତ ବା କମ୍ଫର୍ଟେବଲ ମନେ କରୁଛନ୍ତି। କିନ୍ତୁ ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌ ନିକଟରେ ଥିବା ଗୋସାଇଗଞ୍ଜର ଅହିମମଉ ଗାଁର ମହିଳାମାନେ ଶାଢ଼ି ପିନ୍ଧି କୁସ୍ତି କରିବାକୁ ବି ଡରନ୍ତି ନାହିଁ। ପ୍ରତିବର୍ଷ ନାଗ ପଞ୍ଚମୀର ପରଦିନ ଏଠାରେ ମହିଳାମାନେ କୁସ୍ତି କରିବାର ପରମ୍ପରା ରହିଛି। ଆଖପାଖ ୧୫ ଟି ଗାଁର ମହିଳା ଓ ଝିଅମାନେ ଏହି କୁସ୍ତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥାନ୍ତି। ଲୋକଗୀତର ତାଳେ ତାଳେ ମହିଳାମାନେ କୁସ୍ତି ଲଢ଼ିଥାନ୍ତି।



ଗତ ପାଞ୍ଚଦଶକ ହେଲା କୁସ୍ତି ପ୍ରତିଯୋଗିତାରେ ଭାଗ ନେଇ ଆସୁଥିବା ୮୦ ବର୍ଷୀୟ ରାମକଲି କୁହନ୍ତି, ଲୋକଗୀତ ଏହି କୁସ୍ତି ପ୍ରତିଯୋଗିତାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କୁସ୍ତି କରୁଥିବା ମହିଳାଙ୍କୁ ପ୍ରୋତ୍ସାହିତ କରିବାକୁ ସମସ୍ତେ ମିଶି ଏହି ଗୀତ ବୋଲିଥାଆନ୍ତି। କୁସ୍ତି ପ୍ରତିଯୋଗିତାରେ ବୃଦ୍ଧୀମାନେ ବି ଅଂଶ ଗ୍ରହଣ କରିଥାନ୍ତି। ୭୫ବର୍ଷୀୟା ରାମ ଦୁଲାରୀ ଏବେବି ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛନ୍ତି। ତାଙ୍କ ଠାରୁ ବହୁ ସାନ ସାନ ଝିଅଙ୍କୁ ହରାଇବାକୁ ତାଙ୍କୁ ବେଶୀ ସମୟ ଲାଗିନଥାଏ।

କୁସ୍ତି ଲଢ଼ିବା ପାଇଁ ଏମାନେ କୌଣସି ପ୍ରଶିକ୍ଷଣ ନେଇ ନଥାନ୍ତି। ନିଜ ନିଜ ମା', ଜେଜେମା'ଙ୍କ ଠାରୁ ଯେଉଁ କଳା ଶିଖିଛନ୍ତି ସେଥିରେ ହିଁ ଏଥିପାଇଁ ନିଜକୁ ପ୍ରସ୍ତୁତି କରିଥାନ୍ତି। ଯୁବପିଢ଼ିଙ୍କ ମଧ୍ୟରେ ବି ଏହି ପାରମ୍ପରିକ ପ୍ରତିଯୋଗିତା ପାଇଁ ଆକର୍ଷଣ କମିନି। ୧୬ ବର୍ଷ ବୟସରୁ ଅଧିକ ବୟସ୍କ ଝିଅମାନେ ବି ଏଥିରେ ଭାଗ ନେଇଥାନ୍ତି। କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଟିମର ଜଣେ ସଦସ୍ୟା ଶିବାନୀ କୁହନ୍ତି, ମୁଁ ପିଲାଦିନରୁ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଆସୁଛି। କିନ୍ତୁ ଗତ ଚାରିବର୍ଷ ହେଲା କାର୍ଯ୍ୟକ୍ରମ ଆୟୋଜନରେ ବ୍ୟସ୍ତ ରହୁଥିବାରୁ କୁସ୍ତି ଲଢ଼ିବାକୁ ସୁଯୋଗ ପାଉନି। ଏହି କୁସ୍ତି ପ୍ରତିଯୋଗିତାର ବିଶେଷତଃ ହେଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସ୍ଥାନର ଆଖପାଖକୁ ବି କୌଣସି ପୁରୁଷଙ୍କୁ ଆସିବାକୁ ଅନୁମତି ନଥାଏ। ପୋଲିସ ବି ଏଥିପାଇଁ କଡ଼ା ବ୍ୟବସ୍ଥା କରିଥାଏ। ଏପରିକି ଛୋଟ ଛୋଟ ପୁଅଙ୍କୁ ବି ପ୍ରତିଯୋଗିତା ଦେଖିବାକୁ ଅନୁମତି ନଥାଏ।

## ସପିଂ ପାଇଁ ନିର୍ମିତ ବିଶେଷ ସାଇକେଲ



ଲୋକେ ଦାମୀ ଗାଡ଼ିରେ ବୁଲିବା ସହ ସପିଂ ମଲରେ ନିୟମିତ ଭାବେ ସପିଂ କରିବାକୁ ଉତ୍ତମ ଜୀବନଶୈଳୀ ଭାବେ ଅଧିକାଂଶ ଭାରତୀୟ ବଖାଣି କରିଛନ୍ତି। ପରିବେଶ ସଚେତନତା ବାବଦରେ ଖୁବ କମ ଭାରତୀୟ ସଚେତନ ବୋଲି ପ୍ରକାଶ। ସର୍ବେକ୍ଷଣରୁ ଜଣାପଡ଼ଚି ୩%ରୁ କମ ଭାରତୀୟ ନାଗରିକ ପରିବେଶ ପ୍ରଦୂଷଣ ବାବଦରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏପରିକି କେତେକ ବର୍ଗର ଲୋକେ ମଧ୍ୟ ପ୍ରଦୂଷଣରୁ ବର୍ତ୍ତିବା ପାଇଁ ଗାଡ଼ି ମଟର ବଦଳରେ ସାଇକେଲରେ ଯାଆସ କରୁଛନ୍ତି। ଆମ ରାଷ୍ଟ୍ର ତୁଳନାରେ କିନ୍ତୁ ବିଦେଶୀ ରାଷ୍ଟ୍ର ଏ ବାବଦରେ ଖୁବ୍ ସଚେତନ। ନିକଟରେ ସ୍ୱିଡ଼େନର ଏକ କମ୍ପାନୀ ସେଠାକାର ଲୋକଙ୍କ ସପିଂ କାର୍ଯ୍ୟକୁ ସୁବିଧା ତଥା ସହଜରେ ଶେଷ କରିବା ନିମନ୍ତେ ସପିଂ ସାଇକେଲ ତିଆରି କରିଛି। ସାଇକେଲ ପଛରେ ଖୁବ ହାଲୁକା ସପିଂ ବାସ୍କେଟ ଖଞ୍ଜା ହୋଇରହିଛି।। ସପିଂ ମଲରେ ପ୍ରବେଶ କରିବା ପରେ ସେଠାକାର ବାସ୍କେଟ ବ୍ୟବହାର ନକରି ବରଂ ସାଇକେଲ ଖଞ୍ଜା ହୋଇଥିବା ସପିଂ ବାସ୍କେଟକୁ ସହଜରେ ବାହାର କରି ମଲ ଭିତରକୁ ନେଇହେବ। ଏହି ସପିଂ ମଲ ବିଶେଷ ସାଇକେଲର ମୂଲ୍ୟ ୧୩ ହଜାର ଟଙ୍କା ଧାର୍ଯ୍ୟ ହୋଇଛି।

## ବର୍ଷକୁ ଥରୁଟିଏ ଭକ୍ତଙ୍କ ପାଇଁ ଖୋଲା ହେଉଥିବା ନାଗଚନ୍ଦରେଶ୍ୱର ମନ୍ଦିର



ଉଜ୍ଜୟନୀରେ ରହିଛି ବିଶ୍ୱପ୍ରସିଦ୍ଧ ନାଗଚନ୍ଦରେଶ୍ୱର ମନ୍ଦିର। ଏହି ମନ୍ଦିରରେ ବିଶେଷତ୍ୱ ହେଲା ଯେ ବର୍ଷକୁ ଥରୁଟିଏ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ହୋଇଥାଏ। ଚଳିତବର୍ଷ ଜୁଲାଇ ୨୮ରେ ନାଗପଂଚମୀ ପାଳିତ ହେଉଥିବାରୁ ଜୁଲାଇ ୨୭ ରାତି ୧୨ଟାରୁ ମନ୍ଦିର ଦୁଆର ଦର୍ଶନ ନିମନ୍ତେ ଖୋଲା ରହିଛି। ଏଠାକାର ବୟସ୍କ ପୂଜକଙ୍କ କହିବାନୁସାରେ ମନ୍ଦିର ପ୍ରାଙ୍ଗଣରେ ୧ହଜାର ବର୍ଷ ଆୟୁର ନାଗଦେବତା ରହିଛନ୍ତି। କେବଳ ଭାଗ୍ୟବାନ ଲୋକେ ହିଁ ନାଗଦେବତାଙ୍କ ଦର୍ଶନ କରିପାରନ୍ତି। ଶିବ-ପାର୍ବତୀଙ୍କ ମୃଣ୍ମୟ ମୂର୍ତ୍ତି କାହିଁ କେଉଁକାଳରୁ ଏହି ମନ୍ଦିରରେ ପୂଜା ହୋଇ ଆସୁଛନ୍ତି। ଦର୍ଶନ କରିଥିବା ଭକ୍ତଙ୍କ କହିବାନୁସାରେ ଏହା ଦୁର୍ଲଭ ମୂର୍ତ୍ତି। ଅନ୍ୟ କେଉଁଠାରେ ଶିବ-ପାର୍ବତୀଙ୍କ ଏଭଳି ମୂର୍ତ୍ତି ସେମାନେ ଦେଖିବାକୁ ପାଇ ନାହାନ୍ତି। ୧୧ଶତାବ୍ଦୀର ଏହି ମୂର୍ତ୍ତି ହୋଇଥିବାର ଅନୁମାନ କରାଯାଏ। ନେପାଳରୁ ଏହି ମୂର୍ତ୍ତି ଆସିଥିବାର ବୟସ୍କ ପୂଜକ କହିଛନ୍ତି। ଭକ୍ତ ନିଜ ମନସ୍କାମନା ପୂରଣ କରିବାକୁ କାହିଁ କେତେ ଦୂରରୁ ଏହି ବିଶେଷ ଦିନରେ ମନ୍ଦିରକୁ ଆସି ଶିବ-ପାର୍ବତୀଙ୍କୁ ଦର୍ଶନ କରନ୍ତି।

## ଏକ୍ସରେରେ ଜଣାପଡ଼ିଲା ଶରୀରରେ ମାଛ

କିଛିଦିନ ତଳେ ଚୀନର ଜଣେ ମହିଳାଙ୍କ ପେଟ ଅପରେସନରୁ ୨୦୦ ଗ୍ରାମର ଷ୍ଟୋନ ବାହାରିଥିଲା । ଡାକ୍ତର ଦଳ ୬ଘଂଟା ଏଥିପାଇଁ ପରିଶ୍ରମ କରିଥିଲେ। ତେବେ ଏହା ଏକମାତ୍ର ଅଶ୍ଚର୍ଯ୍ୟକର ଘଟଣା ନୁହେଁ। ଅନ୍ୟପ୍ରାନ୍ତରେ ମଧ୍ୟ ଏଭଳି ଅସୁବିଧା ଦେଖାଯାଇଛି। ଅଷ୍ଟ୍ରେଲିଆର ଜନୈକ ଯୁବକ ମାରିଓ ଷ୍ଟେନ ନିଜ ଘଟଣାକୁ ସୋସିଆଲ ସାଇଟରେ ପ୍ରକାଶ କରିଛନ୍ତି। କିଛିବର୍ଷ ତଳେ ସେ ଜଣେ ଶ୍ରମିକ ଭାବେ କାମ କରୁଥିଲେ। ଦିନକର କାମରେ ତାଙ୍କୁ ଜଣେ ଶିଳ୍ପପତିଙ୍କମାଛ ଟ୍ୟାଙ୍କ୍ ସଫାକ ରିବାକୁ ପଡ଼ିଲା। ଟ୍ୟାଙ୍କଟି ଖୁବ ବଡ଼ ହୋଇଥିବାରୁ ମାରିଓ ଏହା ଭିତରକୁ ଯାଇ ସଫା କରିଥିଲେ। ତେବେ ଗେଶଟିଏ ମାଛ ତାଙ୍କ ପାଟିରେ ଅଜାଣତରେ ପଶିଯାଇଥିଲା। ଏହା ପରେ ମାରିଓ ଖୁବ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତରଙ୍କ ପାଖରେ ବିଭିନ୍ନ ପରୀକ୍ଷା କରିବା ପରେ ଏକ୍ସରେ ଜନଣାପଡ଼ିଥିଲା ଯେ ତାଙ୍କ ଛାତି ପାଖେ ଛୋଟ ମାଛଟିଏ ଅଟକି ରହିଛି ମାରିଓ ନିଜେ ମଧ୍ୟ ଏହା ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। ତୁରନ୍ତ ତଅପରେସନ କରାଯାଇ ମାଛକୁ ବାହାର କରାଯାଇଥିଲା। ଏହି ଏକ୍ସରେ ଫଟୋକୁ ସେ ସୋସିଆଲ ସାଇଟରେ ସେୟାର କରିଛନ୍ତି।

## ନଖ ଦେଖି ସଚେତନ ହୁଅନ୍ତୁ



ପ୍ରତ୍ୟେକ ବ୍ୟକ୍ତି ନିଜ ନଖର ଆକାର କିମ୍ବା ରଙ୍ଗ ବଦଳିଲେ, ତତକ୍ଷଣାତ୍ ସଚେତନ ହେବା ଜରୁରୀ। ଏହା ବିଭିନ୍ନ ରୋଗର ସୂଚନା ଦେଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସାଧାରଣ ଲୋକଙ୍କୁ କେତୋଟି ଉପଦେଶ ଦେଇ ଏ ବାବଦରେ ସଚେତନ କରାଇଛନ୍ତି। ନଖ ଅଙ୍କାବଙ୍କା ହୋଇ ବଢ଼ିଲେ ସୋରିୟାସିସ ରୋଗ ହୋଇଥିବାର ଆଶଙ୍କା ଥାଏ। ନଖର ରଙ୍ଗ ଧଳା ହୋଇଗଲେ, ଯକୃତ ସମସ୍ୟା ଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଅଧିକାଂଶଙ୍କର ନଖ ମଝିରୁ ଭାଙ୍ଗିଯାଏ। ଶରୀରରେ ବିଭିନ୍ନ ପୋଷକତତ୍ତ୍ୱ ଅଭାବରୁ ଏହି ଅସୁବିଧା ହୋଇଥାଏ। ଯଦି ନଖରେ କଳା ରଙ୍ଗ ଦେଖାଯାଏ, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। କାରଣ ଏହା ତ୍ୱଚା କର୍କଟର ସଙ୍କେତ। ଏନିମିୟା ରୋଗୀଙ୍କ ନଖ ମଧ୍ୟ ଦୁର୍ବଳ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି।

## ସ୍ମୃତି ଶକ୍ତି ବଢ଼ାଏ ଆଲକହଲ



ଆଲକହଲ ଶରୀର ପାଇଁ କ୍ଷତିକାରକ ହୋଇଥାଏ। କିନ୍ତୁ ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏହି ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ବ୍ରିଟେନର ୟୁନିଭରସିଟି ଅଫ ଏକ୍ସିଟରପରୁ ନିକଟରେ ହୋଇଥିବା ଏକ ଗବେଷଣାରୁ ଏହା ଜଣାପଡ଼ିଛି। ୟୁନିଭରସିଟିପକ୍ଷରୁ ଦାବି କରାଯାଇଛି ଯେ ମଦ୍ୟପାନ କରିବା ପୂର୍ବରୁ ଯଦି କୌଣସି ସୂଚନା କିମ୍ବା ତଥ୍ୟ ମନେ ରଖିବାକୁ କୁହାଯାଇଥାଏ, ତାହା ଆଲକହଲ ପ୍ରଭାବରେ ସହଜରେ ମନେ ରହିଥାଏ। ତେବେ ଗବେଷକମାନେ କହିଛନ୍ତି ଯେ, ଅତ୍ୟଧିକ ମଦ୍ୟପାନ ଯୋଗୁଁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ଗବେଷକମାନେ ୧୮ରୁ ୫୩ବର୍ଷ ବୟସରେ ୮ଜଣ ଲୋକଙ୍କ ଉପରେ ଗବେଷଣା କରି ତଥ୍ୟ ଦେଇଛନ୍ତି। ଏହି ୮୮ଜଣଙ୍କ ମଧ୍ୟରୁ ୩୧ପୁରୁଷ ଓ ୫୭ ମହିଳା ଥିଲେ।

## ଦଶ ଟଙ୍କାରେ ଭୋଜନ କରାଉଛନ୍ତି



ଗରିବ ଲୋକଙ୍କ ପାଇଁ ଆଜିକାଲି ବିଭିନ୍ନ ରାଜ୍ୟର ସରକାରମାନେ ସ୍ୱଳ୍ପ ଟଙ୍କା ବିନିମୟରେ ଖାଦ୍ୟ ଯୋଗାଇ ଦେବବାକୁ ଯୋଜନା କରିଛନ୍ତି। ଆମ ରାଜ୍ୟ ସରକାର ବି ମାତ୍ର ୫ ଟଙ୍କାରେ ଆହାର ଯୋଗାଇ ଦେଉଛନ୍ତି। କିନ୍ତୁ ବହୁ ବର୍ଷ ହେଲା ତାମିଲନାଡୁର ମଦୁରାଇ ସହରରେ ଜଣେ ୭୦ ବର୍ଷୀୟ ବୃଦ୍ଧ ସାଧାରଣ ଲୋକଙ୍କୁ ମାତ୍ର ୧୦ଟଙ୍କାରେ ଭୋଜନ ଯୋଗାଇ ଆସୁଛନ୍ତି। ରାମୁ ମଦୁରାଇର ଆନ୍ନା ବସଷ୍ଟାଣ୍ଡ ନିକଟରେ ଥିବା ତାଙ୍କ ହୋଟେଲରେ ସବୁ ମିଲର ଦାମ ମାତ୍ର ୧୦ଟଙ୍କା ରଖିଛନ୍ତି। ମାତ୍ର ୧୪ବର୍ଷ ବୟସର ବାଳକ ଥିବାବେଳେ ରାମୁ ଘରଛାଡ଼ି ମଦୁରାଇ ଚାଲି ଆସିଥିଲେ। ୧୯୬୭ ମସିହାରେ ସେ ପତ୍ନୀଙ୍କ ସହିତ ମିଶି ଏହି ହୋଟେଲ ଆରମ୍ଭ କରିଥିଲେ। ତାଙ୍କ ହୋଟେଲରେ ଇଡ଼ଲି, ଦୋସା, ପୋଙ୍ଗଲ ପରି ବ୍ୟଞ୍ଜନ ରହିଥାଏ। ଏହାବ୍ୟତୀତ ଲଞ୍ଚ ବି ୧୦ଟଙ୍କାରେ ମିଳିଥାଏ। ପ୍ରତିଦିନ ତାଙ୍କ ହୋଟେଲରେ ୩୦୦ ଲୋକ ଭୋଜନ କରନ୍ତି। ଯଦି କୌଣସି ଦିନ ତାଙ୍କ ହୋଟେଲ ଖାଦ୍ୟ ଶେଷ ହୋଇଯାଏ, ସେ ଲୋକଙ୍କୁ ଟଙ୍କା ଦେଇ ଅନ୍ୟ ହୋଟେଲକୁ ଖାଇବାକୁ ପଠାଇଦିଅନ୍ତି। ୧୦ଟଙ୍କାରେ ଖାଦ୍ୟ ଦେଉଥିବାରୁ ତାଙ୍କର ଖୁବ୍ କମ ଆୟ ହୋଇଥାଏ। କିନ୍ତୁ ଯାହାବି ଆୟ ହୁଏ, ସେ ତାକୁ ହୋଟେଲ କର୍ମଚାରୀଙ୍କ ଭିତରେ ବାଂଟି ଦିଅନ୍ତି। ୨୦୦୫ରେ ରାମୁଙ୍କ ପତ୍ନୀଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ପୂର୍ବରୁ ସେ ରାମୁଙ୍କୁ ଗରିବ ଲୋକଙ୍କ ସେବା କରିବାକୁ କହିଥିଲେ। ତେଣୁ ସେ ଗରିବ ଲୋକଙ୍କ ପାଇଁ ୧୦ଟଙ୍କାରେ ଭୋଜନ ଦେବାର ବ୍ୟବସ୍ଥା କରିଛନ୍ତି। ଆଖପାଖରେ ଲୋକମାନେ ତାଙ୍କର ଏହି କାର୍ଯ୍ୟରେ ଖୁସି ହୋଇ ତାଙ୍କ ହୋଟେଲ ଚାଲିବାକୁ ଦାନ ବି ଦେଇଥାନ୍ତି।

## ପତ୍ନୀଙ୍କ ପାଇଁ ଡିଜାଇନର ଶାଢ଼ି ଚୋରି

ଲୋକମାନେ ପ୍ରେମରେ ପାଗଳ ହୋଇଯାନ୍ତି ବୋଲି କୁହାଯାଏ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଛତିଶଗଡ଼ରେ। ପତ୍ନୀ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ସବୁଠୁ ଭଲ ଦେଖାଯିବା ପାଇଁ ଜଣେ ବ୍ୟକ୍ତି ସ୍ଥାନୀୟ ଦୋକାନରୁ ଡିଜାଇନର ଶାଢ଼ି ଚୋରି କରିବାକୁ ପଛାଇ ନାହାନ୍ତି। ପ୍ରତିବର୍ଷ ଶ୍ରାବଣ ମାସରେ ବିକାଶପୁରରେ 'ସାଓ୍ୱନ ସୁନ୍ଦରୀ' ନାମକ ଏକ ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏଥିରେ ଚଳିତ ବର୍ଷ ୨୬ ବର୍ଷୀୟା ପ୍ରମିଳା ଗୁପ୍ତା ଅଂଶ ଗ୍ରହଣ କରିଥିଲେ। ପ୍ରମିଳା ଏହି ପ୍ରତିଯୋଗିତା ଜିତନ୍ତୁ ବୋଲି ତାଙ୍କ ପ୍ରତି ଶ୍ରୀକାନ୍ତ ଗୁପ୍ତା ଚାହୁଁଥିଲେ। ଏକ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିବା ଶ୍ରୀକାନ୍ତ ଏଥିପାଇଁ ଲୁଗା ଦୋକାନରୁ ଦାମିକା ଶାଢୀ ଚୋରି କରି ନେଇଥିଲେ। ଏସବୁର ମୂଲ୍ୟ ପ୍ରାୟ ୫୬ ହଜାର ଟଙ୍କା ହେବ। ପ୍ରମିଳା ଏହି ଚୋରି ଶାଢ଼ୀ ପିନ୍ଧି ର୍ୟାମ୍ପରେ ଚାଲୁଥିବା ବେଳେ ଜଣେ ଦର୍ଶକ ପୋଲିସକୁ ଏ ବିଷୟରେ ଖବର ଦେଇଥିଲେ। ପୋଲିସ ଚୋରି ମାମଲାରେ ପ୍ରମିଳା ଓ ତାଙ୍କ ପ୍ରତି ଶ୍ରୀକାନ୍ତ ସହିତ ଏଥିରେ ସାହଯ୍ୟ କରିଥିବା ଆଉ ଜଣେ ସମ୍ପର୍କୀୟଙ୍କୁ ଗିରଫ କରିଛି।

## ୩୦୦ କୋଠାରେ ରହୁଥିଲେ ୫୦,୦୦୦ଲୋକ



ଏସିଆର ଏକ ସମୃଦ୍ଧଶାଳୀ ସହର ହଂକଂରେ ଏକଦା କୋବଲୁନ୍ ୱାର୍ଲ୍ଡ ସିଟି ନାମକ ଏକ ସ୍ଥାନ ରହିଥିଲା, ଯାହା ବିଶ୍ୱର ସବୁଠୁ ଘନ ଜନସଂଖ୍ୟା ବିଶିଷ୍ଟ ଅଂଚଳ ଭାବେ ପରିଚିତ ଥିଲା। ୧୯୯୨ ରେ ଏଠାରେ ମାତ୍ର ୩୦୦ଟି ବ୍ଲକରେ ପାଖାପାଖି ୫୦ହଜାର ଲୋକ ରହୁଥିଲେ। ଏହି କୋଠାଗୁଡ଼ିକ ଯୋଡ଼ି ହୋଇ ରହିଥିଲା। ଏଥିରେ ୩୩ହଜାର ପରିବାର ରହୁଥିଲା। ଏହା ସହିତ କୋଠାରେ ସେମାନେ ଛୋଟ ଛୋଟ ବ୍ୟବସାୟ ମଧ୍ୟ କରୁଥିଲେ। ଏହାକୁ ଏକ ଅଜବ ସହର ମନା ଯାଉଥିଲା। କାନାଡ଼ାର ଫଟୋଗ୍ରାଫର ଗ୍ରେଗ ଗିରର୍ଡ଼ ପାଖାପାଖ ୫ବର୍ଷ ସେଠାରେ ରହି ସେଠାକାର ବାସିନ୍ଦାଙ୍କ ଜୀବନଶୈଳୀ ଖୁବ ନିକଟରୁ ବୁଝିବାକୁ ଚେଷ୍ଟା କରିଥିଲେ। ସେ ତାଙ୍କ କ୍ୟାମେରାରେ ଅନେକ ଫୁଟେଜ୍ ମଧ୍ୟ ନେଇଥିଲେ। ୧୯୯୧ରେ ଏହି ସ୍ଥାନକୁ ଭାଙ୍ଗିବାକୁ ସ୍ଥାନୀୟ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ।

## ପୋଖରୀରେ ବୁଡି ଚାଷୀଙ୍କ ମୃତ୍ୟୁ

ମାଲକାନଗିରି, ୧/୦୭ (ନି.ପ୍ର): ପାଣିରେ ବୁଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ଏପରି ଘଟଣା ଦେଖିବାକୁ ମିଳିଛି ଏମଭି-୭୯ ଥାନା ଅନ୍ତର୍ଗତ ତେଲେରାଇ ପଂଚାୟତର ପେଦାବାଡା ଗ୍ରାମରେ। ଗତକାଲି ସନ୍ଧ୍ୟାରେ ସେହି ଗ୍ରାମର ରାମା ପଡିଆମୀ ନାମକ ଜଣେ ଚାଷୀ ନିଜ ଜମିରେ କାମ କରୁଥିଲେ। ଜମିରେ ଅନ୍ୟ ଚାଷୀମାନଙ୍କ ସହ ସେ ବି ଧାନତଳି ରୁଆ କାମ କରୁଥିଲେ। ରାମା ଧାନ ତଳି ନେଇ ନିକଟରେ ଥିବା ପୋଖରୀକୁ ଧୋଇବାକୁ ନେଇଥଲେ ହେଲେ, ଦୀର୍ଘ ସମୟ ପର୍ଯ୍ୟନ୍ତ ରାମା ନ ଫେରିବାରୁ ଜମିରେ କାମ କରୁଥିବା ଅନ୍ୟମାନେ ପୋଖରୀ ନିକଟକୁ ଯାଇଥିଲେ। ହେଲେ ସେହି ପୋଖରୀରେ ରାମା ମରି ପଡ଼ିଥିବାର ଦେଖିବାକୁ ପାଇଥିଲେ।

## ଶ୍ରୀମନ୍ଦିରରେ ବାରମ୍ବାର ନୀତି ବିଳମ୍ବ: ଭକ୍ତ ମହଲରେ ଅସନ୍ତୋଷ

ପୁରୀ, ୧/୦୭ (ନି.ପ୍ର): ଶ୍ରୀମନ୍ଦିରରେ ବାରମ୍ବାର ନୀତି ବିଳମ୍ବ ଯୋଗୁଁ ସମସ୍ୟା ଦେଖିବାକୁ ମିଳୁଛି । ଶ୍ରୀଜୀଉଙ୍କ ହରିଶୟନ ନୀତି ପରେ ଗତକାଲି ଗରୁଡ଼ ଶୟନ ନୀତି ମଧ ବିଳମ୍ବ ହୋଇଛି। ମହାପ୍ରଭୁଙ୍କ ଏହି ନୀତି ବିଳମ୍ବକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ମହାପ୍ରଭୁଙ୍କ ନୀତି ବିଳମ୍ବ ଯୋଗୁଁ ଦୂରଦୁରନ୍ତରୁ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁ ଘଂଟା ଘଂଟା ଧରି ବ୍ୟାରିକେଡରେ ଧାଡିରେ ଅପେକ୍ଷା କରି ଅତିଷ୍ଠ ହୋଇପଡିଛନ୍ତି ।

# କେନ୍ଦୁଝରରେରେ ସିରିଜ ଦୁର୍ଘଟଣା : ଜଣେ ମୃତ, ୧୧ ଆହତ

କେନ୍ଦୁଝର, ୧/୦୭ (ନି.ପ୍ର): କେନ୍ଦୁଝର ସଦର ଥାନା ଜାତୀୟ ରାଜପଥ ୪୯ ର ଶୁଆକାଟୀ ଓଏମସି ଛକରେ ସୋମବାର ପୂର୍ବାହ୍ନ ୧୧ଟାରେ ସରିଜ ଦୂର୍ଘଟଣା ଘଟି ଜଣେ ମୃତ୍ୟୁବରଣ କରିଥିବାବେଳେ ୧୧ ଜଣ ଆହତ ହୋଇଛନ୍ତି । ମୃତ ବୁଲେଟ ଚାଳକଙ୍କ ନାମ ତ୍ରିନାଥ ମହାନ୍ତ ଏବଂ ତାଙ୍କ ଘର ପାଟଣା ଥାନା ଖଡିକାପଦା ଗ୍ରାମରେ ବୋଲି ଜଣାପଡିଛି । ଏକ ସିମେଂଟ ବୋଝେଇ ଟ୍ରକ ଧକ୍କାରେ ବୁଲେଟ ଆରୋହୀଙ୍କ ମୃତ୍ୟୁ ଘଟିଥିଲା । ତାଙ୍କର କେନ୍ଦୁଝର ସହର ଡାଙ୍ଗରପଡା ନିକଟରେ ଏକ ମୋଟର ସାଇକେଲ ଗ୍ୟାରେଜ ଦୋକାନ ଥିଲା । କୌଣସି କାମରେ ଶୁଆକାଟୀ ଯାଇଥିବାବେଳେ ଦୂର୍ଘଟଣା ହୋଇଥିଲା । ଏହି ସମୟରେ କେନ୍ଦୁଝର ରୁ କାଞ୍ଜିପାଣି ଆଡକୁ ଯାଉଥିବା ଅମ୍ବା ବସ ପଛରେ ଏକ ଟ୍ରକ ଧକ୍କା ଦେବାରୁ ୧୧ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଭର୍ତ୍ତି କରାଯାଇଛି । ଆଉ ଏକ ମିନି ପିକଅନ ବସ ଦୂର୍ଘଟଣା ଘଟିଥିବା ଟ୍ରକ ପଛରେ ପିଟି ହୋଇ ରାସ୍ତା କଡ ଡ୍ରେନ ଭିତରକୁ ପଶିଯାଇଥିଲା । ଘଟଣାସ୍ଥଳରେ ପୋଲିସ ପହଁଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲା । ଲୁହାପଥର ଲୋଡିଂ ପାଇଁ ଅଞ୍ଚର ଠାରୁ ଶୁଆକାଟୀ ପର୍ଯ୍ୟନ୍ତ ରାସ୍ତାରେ ଛିଡା ହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଥିବାବେଳେ ସାଧାରଣ ଲୋକଙ୍କ ଯାତାୟତ ଅସୁରକ୍ଷିତ ହୋଇପଡିଛି । କେତେକ ଟ୍ରକ ଚାଳକ ଡିଭାଇଡର ଡେଇଁ ଗୋଟିଏ ପାର୍ଶ୍ୱର୍ରୁ ଅନ୍ୟ ପାର୍ଶ୍ୱକୁ ଗାଡି ଡେଇଁ ଆଗକୁ ଯାଉଥିବା ଏବଂ କେତେକ ଲାଇନ ଭାଙ୍ଗି ଆଗକୁ ଯାଇ ଆଉ ଗୋଟିଏ ଲାଇନ କରି ଛିଡା ହେଉଥିବାରୁ ଏଭଳି ଟ୍ରାଫିକ ସମସ୍ୟା ଦେଖାଦେବା ସହ ଦୂର୍ଘଟଣା ଘଟୁଛି । ଓଡିଶା ଖଣି ନିଗମ ନିଜସ୍ୱ ପାର୍କିଂ ବ୍ୟବସ୍ଥା ନଥିବାରୁ ଦୈନିକ ଶହ ଶହ ଟ୍ରକ ଜାତୀୟ ରାଜପଥ ଉପରେ ଛିଡା ହୋଇ ରହୁଥିବାରୁ ସାଧାରଣ ଲୋକ ଓ ଯାତ୍ରୀମାନେ ଅକଥନୀୟ ସମସ୍ୟା ଭୋଗୁଛନ୍ତି । ଜାତୀୟ ରାଜପଥ ୪୯ ରେ ଆଜି ଅପରାହ୍ନରେ ଜାତୀୟ ରାଜପଥ ୪୯ରେ ତେନ୍ତୁଳି ପାର୍କି ନିକଟରେ୨ଟି ଟ୍ରକ ଧକ୍କା ହୋଇଛନ୍ତି । ଫଳରେ କିଛି ସମୟ ପାଇଁ ଗାଡି ଚଳାଚଳ ବନ୍ଦ ରହିଥିଲା।

# ଓଡ଼ିଶା ସଚିବାଳୟ ସମୀକ୍ଷକ ସେବାସଂଘ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର, ୧/୦୭ (ନି.ପ୍ର): ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘ ଓ ଭାରତୀୟ ରେଡ୍‌କ୍ରସ ସୋସାଇଟି, ରାଜ୍ୟ ଶାଖାଙ୍କ ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସଚିବାଳୟସ୍ଥିତ ଅର୍ଥ ବିଭାଗ ନିକଟରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । 'ରକ୍ତଦାନ-ଜୀବନ ଦାନ' ମହାମନ୍ତ୍ରକୁ ପାଥେୟ କରି ସଚିବାଳୟ ସେବା ସଂଘର କର୍ମକର୍ତାଗଣ ସଭାପତି ଶାରଦା ରଞ୍ଜନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସାଧାରଣ ସଂପାଦକ ଜୀବନ କୁମାର ରାଉତ, ସଂପାଦକ ରବି ନାୟକ, ମନୋଜ କୁମାର ସେଠୀ, ଅଜିତ କୁମାର ମହାନ୍ତି, ଭାଗୀରଥି ନାୟକ, ଦିବାକର ସାହୁ, ଦେବଦତ୍ତ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ପ୍ରାୟ ୬୦ ଜଣ ସମୀକ୍ଷକ/ସମୀକ୍ଷା ଅଧିକାରୀ ରକ୍ତଦାନ କରିଥିଲେ। ଭାରତୀୟ ରେଡ୍‌କ୍ରସର ଚିକିତ୍ସକ, ପ୍ରୟୋଗାତ୍ମକ ବିଜ୍ଞାନୀଙ୍କୁ ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ଯୋଶୀ ସଂପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ। ଏହି ରକ୍ତଦାନ ଶିବିରକୁ ସଂଘର ଯୁଗ୍ମ ସଂପାଦକ ବିଦ୍ୟୁତ ମହାରଣା ପରିଚାଳନା କରିଥିଲେ। ଆଗାମୀ ଦିନରେ ଏପରି ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ସେବା ସଂଘର କର୍ମକର୍ତାମାନେ ନିଷ୍ପତି ନେଇଛନ୍ତି ।

## ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୧/୦୭ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି, ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ। ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ଆଦି ଉପରେ ଅଭିଯୋଗ କରାଯାଇଥିଲା । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା । ଏଠାରେ ରାବଣାଗୁଡା ସିଏଚସି ତରଫରୁ ମାଗାଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣିରେ ବିଡିଓ ରାଜୀବ ଦାସ,ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ.ନିଶା, ଆଇସିଡିଏସ ହର୍ଟିକଲଚର, କୃଷି ବିଭାଗ, ଯୋଗାଣ ସହାୟକ ସହ ଅନ୍ୟ ଲାଇନର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ ।

# ଉଠା ଦୋକାନୀଙ୍କ ବିଏମ୍‌ସି ଘେରାଉ

ଭୁବନେଶ୍ୱର, ୧/୦୭ (ନି.ପ୍ର): ଉଠା ଦୋକାନ ଭଙ୍ଗା ଅଭିଯାନ ବନ୍ଦ କରି ତୁରନ୍ତ ସେମାନଙ୍କୁ ଥଇଥାନ କରିବା ଦାବିରେ ଏଆଇଟିୟୁସି ସହ ଅନୁବନ୍ଧିତ ରାଜଧାନୀ ଉଠା ଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ସୋମବାର ବିଏମ୍‌ସି ଅଫିସ୍‌କୁ ଘେରାଉ କରାଯିବା ସହ କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଅଶୋକ ନଗର, ମାଷ୍ଟରକ୍ୟାଂଟିନ, ବାୟାବାବା ମଠଛକ ଗଳି, ୧ନମ୍ବର ଥାନା ପାର୍ଶ୍ୱ ଗଳି, ଗଣ୍ଡମୁଣ୍ଡା, ଜାଗମରା ଓ ଖଣ୍ଡଗିରି ଅଂଚଳର ଉଠା ଦୋକାନୀମାନେ ଅଶୋକ ନଗରଠାରୁ ଠେଲାଗାଡ଼ି ଓ ଟ୍ରଲିମାନ ନେଇ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାକାରୀ ମାନେ ମାଷ୍ଟରକ୍ୟାଂଟିନ ଓ ରାମମନ୍ଦିର ଛକ ଅତିକ୍ରମ କରି ବିଏମ୍‌ସି ଅଫିସ ନିକଟରେ ପହଂଚି ଠେଲାଗାଡ଼ି ଦ୍ୱାରା ବିଏମ୍‌ସି ଗେଟ୍‌କୁ ଜାମ୍ କରିଥିଲେ। ସେଠାରେ ସଂଘର ସଭାପତି ସୁର ଜେନା ଉଦ୍‌ବୋଧନ ଦେଇ କହିଲେ- ଉଠା ଦୋକାନୀଙ୍କ ଥଇଥାନ ପାଇଁ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ପାର୍ଲାମେଂଟ ଆଇନ ପାଶ୍ କଲା। ହାଇକୋର୍ଟ ମଧ ନିର୍ଦ୍ଦେଶ ଦେଲେ। ବିଏମ୍‌ସି ସେମାନଙ୍କୁ ଷ୍ଟ୍ରିଟ୍ ଭେଣ୍ଡର କାର୍ଡ ପ୍ରଦାନ କଲା। ମୁଖ୍ୟମନ୍ତ୍ରୀ ଫନି ସାହାଯ୍ୟ ଓ କରୋନା ସହାୟତା ଦେଲେ। ତେବେ ସେମାନଙ୍କୁ ଥଇଥାନ ନ କରି ଦୋକାନ ଭଙ୍ଗା ଅଭିଯାନ ଚାଲିଛି କାହିଁକି? ଏହାପରେ ସୁର ଜେନାଙ୍କ ନେତୃତ୍ୱରେ ଏକ ୫ଜଣିଆ ପ୍ରତିନିଧି ଦଳ ବିଏମ୍‌ସି କମିଶନରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ ଦୋକାନ ଭଙ୍ଗା ଅଭିଯାନ ବନ୍ଦ କରି ଅଶୋକନଗର ଓ ମାଷ୍ଟରକ୍ୟାଂଟିନ ଉଠା ଦୋକାନୀଙ୍କୁ ରାଜମହଲ ଓ ରାମ ମନ୍ଦିର ମଧ୍ୟରେ ନିର୍ମିତ ଭେଣ୍ଡିଂ ଜୋନରେ ଥଇଥାନ ସହିତ ୧ନମ୍ବର ଥାନା ପାର୍ଶ୍ୱ ଗଳି, ବାୟାବାବା ମଠ ଛକ ଗଳି, ଗଣ୍ଡମୁଣ୍ଡାରୁ ଜାଗମରା ଓ ଖଣ୍ଡଗିରିର ଉଠା ଦୋକାନୀ ମାନଙ୍କୁ ସେହି ଅଂଚଳରେ ଥଇଥାନ କରିବା; ଠେଲା ଦୋକାନୀମାନଙ୍କୁ ୬୭ଟି ୱାର୍ଡରେ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରି ସେଠାରେ ଅନୁମତି ଦେବା ପାଇଁ ଦାବି କରାଯାଇଛି।

# କେନ୍ଦୁଝରରେ ଗୁଣିଗାରେଡି ସନ୍ଦେହରୁ ପୁତୁରା ହତ୍ୟାକଲା କାକାକୁ

କେନ୍ଦୁଝର, ୧/୦୭ (ନି.ପ୍ର): କେନ୍ଦୁଝର ରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ପୁତୁରା ର ଟାଙ୍ଗିଆ ଚୋଟରେ ଅତି ଦୟନୀୟ ଭାବେ ମୃତ୍ୟ ଘଟିଛି କାକାର । ତା ପୁଣି ଗୁଣିଗାରେଡିକୁ କେନ୍ଦ୍ର କରି । ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ର କାଞ୍ଜିପାଣି ଥାନା ଅନ୍ତର୍ଗତ ରୁଗୁଡି ର କସଡା ଗ୍ରାମରେ । ପ୍ରାପ୍ତ ସୂଚନାନୁଶାରେ ଗତକାଲି ସଂଧାରେ ଏହି କସଡା ଗ୍ରାମର ଛବି ଦେହୁରୀ ର ତାର କାକା ଅଜୟ ଦେହୁରୀ ସହ ପାଟିତୁଣ୍ଡ ହୋଇଥିଲା । ଏହି ପାଟିତୁଣ୍ଡ କୁଆଡେ ଏଭଳି ଅବସ୍ଥାରେ ପହଂଚିଥିଲା ଯେ ପୁତୁରା ଛବି ଦେହରୀ ଅତ୍ୟଦିକ ଅତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ କାକା ଅଜୟ ଦେହୁରୀ ର ପଛପଟେ କୁ ଅତି ନିର୍ମମ ଭାବେ ହାଣି ଦେଇଥିଲା । ଅଜୟ କିଛି ବୁଝିବା ପୂର୍ବରୁ ହଠାତ୍ ଏହା ଘଟିଯାଇଥିଲା । ଫଳରେ ଘଟଣା ସ୍ଥଳରେ ଅଜୟଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ଖବର ପାଇବା ପରେ କାଞ୍ଜିପାଣି ପୋଲିସ ଘଟଣାସ୍ଥଳରେ ପହଂଚି ଅଜୟଙ୍କର ଶବ ଜବଦ କରିବା ସହ ହତ୍ୟାକାରୀ ଛବି କୁ ଗିରଫ କରିଥିଲା । ହତ୍ୟାକାଣ୍ଡ ମୂଳରେ ଗୁଣିଗାରେଡି ଘଟଣା ରହିଛି ବୋଲି ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିଛି । ଗୁଣି ଗାରେଡିକୁ ନେଇ ଉଭୟଙ୍କ ମଧରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହୋଇଥାଏ ବୋଲି ଜଣାପଡିଛି । କିନ୍ତୁ ସବୁଠାରୁ ବିଡମ୍ବନା ବିଷୟ ହେଉଛି ଯେ ଗ୍ରାମାଚଂଳ ମାନଙ୍କରେ ଗୁଣି ଗାରେଡିକୁ ନେଇ ଜିଲ୍ଲାରେ ଅନେକ ହତ୍ୟାକାଣ୍ଡ ଘଟଣା ଘଟିଯାଉଥିବା ସତ୍ୱେ ତା ଉପରେ ସଂପୂର୍ଣ୍ଣ ଅଙ୍କୁଶ ଲାଗି ପାରୁନାହିଁ । ଯଦିଓ ଗୁଣି ଗାରେଡି ଭଳି ଅନ୍ଧ ବିଶ୍ୱାସ ବଶବର୍ତ୍ତି ଲୋକଙ୍କ ମନରୁ ସଂପୁର୍ଣ୍ଣଲୋପ କରିବା ଲକ୍ଷ୍ୟରେ ସରକାର ବିପୁଳ ଅର୍ଥ ବ୍ୟୟ କରୁଥିବା ସତ୍ୱେ କିନ୍ତୁ ତାହା ବିଶେଷ ଫଳପ୍ରଦ ହୋଇପାରୁ ନଥିବା କାରଣରୁ ଏଭଳି ହତ୍ୟାକାଣ୍ଡ ମାନ ଘଟୁଥିବା କୁହାଯାଉଅଛି ।

# ଚିନ୍ତା ବଢ଼ାଇଛି ନୂଆଧରଣର ସାଇବର୍ ଅପରାଧ: ବଟି ମାଗୁଛି 'ଅକିରା' ଭାଇରସ୍



କଟକ, ୧/୦୭ (ନି.ପ୍ର): କମ୍ପ୍ୟୁଟର ଓ ମୋବାଇଲ୍ ବ୍ୟବହାରକାରୀଙ୍କୁ ବଟି ମାଗୁଛି 'ଅକିରା' ଭାଇରସ୍। ହାର୍ଡଡିସ୍କ ଓ ମେମୋରିକାର୍ଡକୁ ସମ୍ପୂର୍ଣ୍ଣ ଲକ୍ କରିଦେଉଛି ଏହି ଭାଇରସ୍। ଫଳରେ ବ୍ୟବହାରକାରୀ ସେମାନଙ୍କ କମ୍ପ୍ୟୁଟର କିମ୍ବା ମୋବାଇଲର କୌଣସି ଗୋଟିଏ ବି ଫାଇଲ୍ ଖୋଲି ପାରୁନାହାନ୍ତି। ଫାଇଲ୍ ପୂର୍ବଭଳି ଖୋଲିବାକୁ ହେଲେ ଏଥିପାଇଁ ପ୍ରତି କମ୍ପ୍ୟୁଟର ଓ ମୋବାଇଲ୍ ବ୍ୟବହାରକାରୀଙ୍କୁ ୮୦ରୁ ୯୦ଲକ୍ଷ ଟଙ୍କା ଯାଏ ବଟି ମଗାଯାଉଛି। କ୍ରିପଟ୍ଟୋ କରେନ୍ସି ୱାଲେଟ୍‌ରେ ଏହି ଟଙ୍କା ଜମା କରିବାକୁ ଦିଆଯାଉଛି। ଏଭଳି ଭର୍ଚୁଆଲ୍ ଉପାୟରେ କିଏ, କେଉଁଠୁ ବଟି ମାଗୁଛି ସେ ସମ୍ପର୍କରେ ସାଇବର୍ ଥାନା ପୁଲିସ ନିକଟରେ କୌଣସି ତଥ୍ୟ ନାହିଁ। ଏଭଳି ଘଟଣା ପୁଲିସ ପାଇଁ ଏବେ ମୁଣ୍ଡବିନ୍ଧାର କାରଣ ହୋଇଛି। 'ଅକିରା' ଭାଇରସ୍ ମୁଖ୍ୟତଃ କମ୍ପ୍ୟୁଟରରେ ଥିବା ୱିଣ୍ଡୋଜ ଏବଂ ଲିନକ୍ସ ଅପରେଟିଂ ସିଷ୍ଟମକୁ ରାର୍ଗେଟ୍ କରୁଛି। ଅନଲାଇନରୁ ଡାଉନଲୋଡ୍ କରୁଥିବା ସିନେମା, ଗେମ୍‌ସ କିମ୍ବା ହ୍ୱାଟସ୍‌ଆପ, ମେସେଞ୍ଜର, ଇ-ମେଲ୍‌ରେ ଆସୁଥିବା ଆଟାଚମେଣ୍ଟ ଫାଇଲ ମାଧ୍ୟମରେ ଏହି ଭାଇରସ୍ ମୋବାଇଲ୍ ଓ କମ୍ପ୍ୟୁଟ ?କୁ ପ୍ରବେଶ କରୁଛି। ଏହି ଫାଇଲକୁ ଖୋଲିବା ପରେ ସ୍ୱୟଂଚାଳିତ ଭାବେ 'ଅକିରା' ଭାଇରସ୍ ଇନଷ୍ଟଲ୍ ହୋଇଯାଉଛି। ଇନଷ୍ଟଲ ହେବା ପରେ କମ୍ପ୍ୟୁଟର ଓ ମୋବାଇଲରେ ଥିବା ସବୁତକ ଫାଇଲକୁ .ବଳସକ୍ସବ ଏକ୍ସଟେନ୍ସନ ନାଁକୁ ପରିବର୍ତ୍ତନ ହୋଇଯାଉଛି। ସେହି ଫାଇଲକୁ ଖୋଲିବାକୁ ହେଲେ ପାସ୍ ?ାର୍ଡ ମାଗୁଛି। ମୋଟାମୋଟି ଭାବେ କମ୍ପ୍ୟୁଟର ହାର୍ଡଡିସ୍କ ଓ ମୋବାଇଲ ମେମୋରି କାର୍ଡକୁ ଏହି ଭାଇରସ୍ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ନେଇଯାଉଛି। ସେଥିରେ ଥିବା ବ୍ୟାକ୍ ଅପ୍ ଫାଇଲକୁ ବି ନିୟନ୍ତ୍ରଣକୁ ନେଇଯାଉଛି। କମ୍ପ୍ୟୁଟର ସ୍କ୍ରିନ୍ ସମ୍ପୂର୍ଣ୍ଣ କଳା ହୋଇଯିବା ସହ ଏକ ମେସେଜ୍ 'ଅକିରା' ଭାଇରସ ପଠାଉଛି। ଧାର୍ଯ୍ୟ ସମୟ ମଧ୍ୟରେ ଟଙ୍କା ନଦେଲେ ଟଙ୍କା ପରିମାଣ ବଢ଼ି ଚାଲୁଛି। ଟଙ୍କା ନଦେଲେ ଡାର୍କ ୱେବ୍‌ରେ ହାର୍ଡଡିସ୍କର ସମସ୍ତ ତଥ୍ୟ ଅପଲୋଡ୍ କରିଦେବାକୁ ଧମକ ଦିଆଯାଉଛି। ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଡାର୍କୱେବକୁ ଇଣ୍ଟରନେଟ୍ ଦୁନିଆରେ ଅପରାଧୀମାନେ ମୁଖ୍ୟତଃ ବ୍ୟବହାର କରିଥାନ୍ତି। ଏହି ୱେବସାଇଟରେ ବେଆଇନ ବନ୍ଧୁକ, ବ୍ରାଉନସୁଗାର, ମହିଳା ଚାଲାଣ ଭଳି ବେଆଇନ କାର୍ଯ୍ୟ କରାଯାଉଛି। ସେହି ୱେବସାଇଟରେ କମ୍ପ୍ୟୁଟର ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଅପଲୋଡ୍ କରିବା ଫଳରେ ଏହାର ଅପବ୍ୟବହାର ହେବାର ଆଶଙ୍କା ରହିଛି। ଏହି ୱେବସାଇଟକୁ ସାଇବର୍ ପୁଲିସ ଠାବ କରିବା ଏକପ୍ରକାର ଅସମ୍ଭବ ବୋଲି କୁହାଯାଉଛି। ଏଥିପାଇଁ ରାଜ୍ୟର ଜିଲ୍ଲାସ୍ତରରେ ଥିବା ସାଇବର୍ ଥାନା ପୁଲିସକୁ ସତର୍କ ଓ ସଚେତନ କରାଯାଉଥିବା ସମ୍ପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି। ସାଇବର ବିଶେଷଜ୍ଞ ପ୍ରଶାନ୍ତ ସାହୁଙ୍କ କହିବାନୁଯାୟୀ, ବିଦେଶର କିଛି ମହିଳାଙ୍କ ନାଁରେ ମେସେଜ ଆସୁଛି। ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଥିବାରୁ ସମ୍ପୃକ୍ତ ବିଧବା ନିଜ ସମ୍ପତ୍ତି ବିକ୍ରି କରିବାକୁ ଚାହୁଁଥିବା ମେସେଜ ଆସୁଛି। ଘରର ଫଟୋ ବି ପଠା ଯାଉଛି। ଏହାକୁ ଖୋଲିବା ଦ୍ୱାରା 'ଅକିରା' ଭାଇରସ୍ କମ୍ପ୍ୟୁଟର ଓ ମୋବାଇଲରେ ଇନଷ୍ଟଲ୍ ହୋଇଯାଉଛି। ଇ-ମେଲରେ ଆସୁଥିବା ବ୍ୟାଙ୍କ୍ ଷ୍ଟେଟମେଣ୍ଟ, କ୍ରେଡିଟ୍ କାର୍ଡ ଷ୍ଟେଟମେଣ୍ଟ ଇତ୍ୟାଦି ନାଁରେ ଅକିରା ଭାଇରସ୍ ଯୋଡ଼ି ହୋଇ ଆସୁଥାଏ। କୌଣସି ଅଜଣା ଲିଙ୍କ୍ ଆଦୌ ଖୋଲିବା କଥା ନୁହେଁ। ଏଭଳି ଭାଇରସ୍‌ର ମୁକାବିଲା କରିବାକୁ ହେଲେ କମ୍ପ୍ୟୁଟରରେ ଉନ୍ନତମାନର ଆଣ୍ଟିଭାଇରସ୍ ରଖିବା ଉଚିତ। 'ଅକିରା ଭାଇରସ୍ ପାଇଁ ଟଙ୍କା ଜମା କଲେ ବି ତଥ୍ୟ ଫେରିବାର ସମ୍ଭାବନା ନାହିଁ। ତେଣୁ ତୁରନ୍ତ ସାଇବର୍ ଥାନାରେ ଏତଲା ଦିଅନ୍ତୁ।

# ଖଇରପୁଟ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲେ ବିଜେପି କାର୍ଯ୍ୟକର୍ତ୍ତା

ମାଲକାନଗିରି, ୧/୦୭ (ନି.ପ୍ର):ଖଇରପୁଟ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲେ ଖଇରପୁଟ ମଣ୍ଡଳ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତା। ଖଇରପୁଟ ବ୍ଲକ ଠାରେ ଆଜି ବୁଥ ସାଂସଦ କୁ ନେଇ ଖଇରପୁଟ ବ୍ଲକ କାର୍ଯ୍ୟାଳୟରେ ସବଦଳୀୟ ବୈଠକ ଡକା ଯାଇଥିଲା କିନ୍ତୁ ଡାକିବା ପରେ ଏକ ଘଂଟାରୁ ଦୁଇ ଘଂଟା ବିତିବା ପରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ କୋଇଆ ନ ଆସିବାରୁ ବିଜେପି କାର୍ଯ୍ୟକର୍ତା ମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଥିଲେ। ତା ପରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ କୋଇଆ ପୋଲିସ ଅଧିକାରୀ ମାନଙ୍କ ସହ ଆସି ଦଳୀୟ କର୍ମୀ ମାନଙ୍କ ସହ ଦୂର୍ବ୍ୟହାର କରିଥିଲେ କିନ୍ତୁ ତା ପରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ କୋଇଆ ଅନୁରୋଧ କରିବା ପରେ ତାଲା ଖୋଲା ଯାଇଥିଲା। ଏହି ଅବସରରେ ଖଇରପୁଟ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, ପୂର୍ବତନ ବିଧାୟକ ପାର୍ଥୀ ପଦୁ ମାଝି, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ବେହେରା, ମଣ୍ଡଳ ଉପ ସଭାପତି ସମା ଧାଙ୍ଗଡାମାଝି, ମଣ୍ଡଳ ସାଧାରଣ ସମ୍ପାଦକ ଗୁଣନିଧି ନାୟକ, ମଣ୍ଡଳ ସମ୍ପାଦକ ବାଲାରାଜୁ କଟରୀ ମାନଙ୍କ ସହ କର୍ମୀ ମାନେ ଉପସ୍ଥିତ ଥିଲେ। ଖଇରପୁଟ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ କୋଇଆ ଅଂଚଳ ଲୋକଙ୍କ ସମସ୍ୟା ବୁଝୁନ ଥିବା ବେଳେ ଏକ ନିର୍ଦ୍ଧାରିତ ଦଳକୁ ଧରି ମନମୁଖୀ ଶାସନ ଚଳାଉଥିବା ବିଜେପି ଅଭିଯୋଗ କରିଛି । ଏହି ପରି ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ପ୍ରତି ପ୍ରଶାସନ କଣ ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଲା।

# ସୋନପୁରର ସୁନା ଝିଅ ତୁଳସୀ ଓ ମୌସୁମୀ

ସୁବର୍ଣ୍ଣପୁର, ୧/୦୭ (ନି.ପ୍ର): ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ୪୬ ନମ୍ବର ସ୍ଥାନରେ ସୋନପୁର ସହରର ସୁନାଝିଅ ତୁଳସୀ ମେହେର ଓ ମୌସୁମୀ ପାତ୍ର ୩୧୪ ନମ୍ବର ସ୍ଥାନ ରଖି ସୁବର୍ଣ୍ଣପୁର ଜିଲ୍ଲାକୁ ଗୌରବ ଆଣି ଦେଇଛନ୍ତି। ଏହି ସଫଳତା ନେଇ ତାଙ୍କର ପରିବାରବର୍ଗଙ୍କୁ ଶୁଭେଚ୍ଛା ସୁଅଛୁଟିଛି। ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ତୁଳସୀ ଦଶମ ଶ୍ରେଣୀ ୯୦ ପ୍ରତିଶତ ମାର୍କ ରଖି ଉର୍ତ୍ତିର୍ଣ୍ଣ ହୋଇଥିଲେ। ବଲାଙ୍ଗୀର ଯୁବଦୟ କଲେଜ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ରେ ସେ ୯୧ ପ୍ରତିଶତ ମାର୍କ ରଖି ବଲାଙ୍ଗୀର ଜିଲ୍ଲା ଟପ୍ପର ସ୍ଥାନ ଅଧିକାର କରିଥିଲେ। ରାଉରକେଲା ସ୍ଥିତ ଏନଆଇଟିରେ କେମିକାଲ ବିଭାଗ ଇଂଜିନିୟରିଂରେ ପାସ କରି ତୁଳସୀ ମେହେର ଜଣେ ମେଧାବୀ ଛାତ୍ରୀ ଭାବରେ ପ୍ରତିପାଦିତ କରିଥିଲେ। ଜନସେବା ଲକ୍ଷ୍ୟ କରି ଓଡିଶା ସିଭିଲ ସର୍ଭିସ ପରୀକ୍ଷା ପ୍ରସ୍ତୁତି ପାଇଁ ଦିନକୁ ୮/୯ ଘଣ୍ଟା ପରିଶ୍ରମ କରିଛନ୍ତି। ଆମ ଯୌଥ ପରିବାର ହେଲେ ମଧ କଠିନ ପରିଶ୍ରମ ପାଇଁ ତୁଳସୀ ସଫଳତା ମିଳିଛି ବୋଲି ବାପା ଖଡି ଭୂଷଣ ମେହେର , ମା ଅମ୍ବିକା ମେହେର, ଖୁଡି ଜ୍ୟୋସ୍ନା ମେହେର କହିଛନ୍ତି। ଏହି ସଫଳତା ପାଇଁ ଭାଇ ଚନ୍ଦ୍ରନ ମେହେର, ବାପା, ମାଆ ସହ ଭଗବାନଙ୍କୁ ଶ୍ରେୟ ଦେଇଛନ୍ତି ତୁଳସୀ ମେହେର। ସେହିପରି ସୋନପୁର ସହରର ମୌସୁମୀ ପାତ୍ର ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୩୧୪ନମ୍ବର ସ୍ଥାନ ରଖି ଗୌରବ ଆଣି ଦେଇଛନ୍ତି। ସୋନପୁର ବାଳିକା ହାଇସ୍କୁଲ ଦଶମ ଶ୍ରେଣୀ ଓ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ଏକ ମେଧାବୀ ଛାତ୍ରୀ ଭାବରେ ପରିଚିତ ହୋଇଥିଲେ। ପରବର୍ତୀ ସମୟରେ ଭୁବନେଶ୍ୱରସ୍ଥିତ ମିଟସ ସ୍କୁଲ ଅଫ ବାଇ ଟେକୋନଲୋଜିରେ ବିଏସ ସି ଏବଂ ଏମଏ ସି ଡିଗ୍ରୀ ହାସଲ କରିଛନ୍ତି। ଏବେ କିଟସ କଲେଜରେ ସିନିୟର ଲେବ୍ରୋଟେରୀ ଟ୍ରେକିସିଏନ ଭାବରେ କାର୍ଯ୍ୟରତ ଅଛନ୍ତି। ପ୍ରତିଦିନ ୮/୯ ଘଂଟା ପରିଶ୍ରମ କରନ୍ତି ବୋଲି ବାପା ସଦାନନ୍ଦ ପାତ୍ର ସହ ମା ଉମା ପାତ୍ର କହିଛନ୍ତି। ମେଧାବୀ ଛାତ୍ରୀ ମୌସୁମୀ ପୂର୍ବତନ ବିଧାୟକ ବିନୋଦ ପାତ୍ରଙ୍କ ଝିଆରୀ ଅଟନ୍ତି। ଏ ନେଇ ଆଜି ସ୍ୱଚ୍ଛ ଭାରତ ପରିବାର ଓ ବିଜୁ ପଟ୍ଟନାୟକ ମହିଳା କଲେଜ ପକ୍ଷରୁ ମିସ ପାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ ଓ ସଫଳତା କାମନା କରାଯାଇଛି।

# ୪ମାସ ପାଇଁ ଶୟନ ଗଲେ ଶ୍ରୀଲିଙ୍ଗରାଜ



ପୁରୁଣା ଭୁବନେଶ୍ୱର, ୧/୦୭ (ନି.ପ୍ର): ଶ୍ରୀ ଲିଙ୍ଗରାଜ ମହାପ୍ରଭୁ ଶୟନରେ ଗଲେ। ମହାପ୍ରଭୁ ଆସନ୍ତା ୪ମାସ ପାଇଁ ଶୟନରେ ରହିବେ। ଆଜି ହରିଶୟନ ଚର୍ତୁଦ୍ଦଶୀ ତିଥି ଉପଲକ୍ଷେ ଏହି ନୀତି କରାଯାଇଛି। ଆସନ୍ତା ୪ମାସ ଶ୍ରୀପର୍ଶୁରାମେଶ୍ୱର ରାଜ୍ୟ ଭାର ସମ୍ଭାଳିବେ । ଏହି ଦାୟିତ୍ୱ ସମ୍ଭାଳିବା ପାଇଁ ପୂର୍ବରୁ ମହାଦେବ ତାଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଏଥିପାଇଁ ଗତ ପର୍ଶୁରାମାଷ୍ଟମୀରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ତାଙ୍କ ପାଖକୁ ଯାତ୍ରା କରିଥିଲେ। ଉଥପାନ ଚତୁଦ୍ଦଶୀ ଅର୍ଥାତ୍ କାର୍ତ୍ତିକ ମାସ ପୂର୍ଣ୍ଣମା ପୂର୍ବଦିନ ଠାକୁର ଉଠିବେ। ଆଜି ରାତି ପ୍ରାୟ ୧୧ଟାରେ ସନ୍ଧ୍ୟା ଧୂପ ପରେ ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମାଙ୍କୁ ନୀତି ପୂଜା କରାଯାଇ ଭଣ୍ଡାର ଘରକୁ ନିଆଯାଇ ଏହି ନୀତି ସମାପନ କରାଯାଇଥିଲା। କୁହାଯାଏ ଯେ, ଏହି ସମୟରେ ଅଶୁଦ୍ଧି ଯୋଗୁ କୌଣସି ବିବାହ ଓ ବ୍ରତ କାର୍ଯ୍ୟ କରା ଯାଏନାହିଁ। ତେବେ ଲିଙ୍ଗରାଜ ମନ୍ଦିରରେ ପୂର୍ବ ପରି ସମସ୍ତ ନୀତିକାନ୍ତି କରାଯିବ। ଏଥିରେ କୌଣସି ପରିବର୍ତନ କରା ଯିବନାହିଁ। କେବଳ ୪ମାସ ମଧ୍ୟରେ ଗୋଟିଏ ଦିନ କଡ଼ ପରିବର୍ତନ ନୀତି କରାଯିବ ବୋଲି ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ର କହିଛନ୍ତି।

# ପୌରାଂଚଳ ଯାଦବ ସମାଜ ନୂତନ କର୍ମକର୍ତ୍ତା ଚୟନ

ବଲାଙ୍ଗୀର, ୧/୦୭ (ନି.ପ୍ର): ବଲାଙ୍ଗୀର ଯାଦବ ସମାଜର ନୂତନ କର୍ମକର୍ତା ଚୟନ ହୋଇଯାଇଥିବା ବେଳେ ପାଂଚ ବର୍ଷ ପାଇଁ ବଲାଙ୍ଗିର ସହରର ଜାତି ପ୍ରଥ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯାଦବ ସମାଜର ଉନ୍ନତି କାର୍ଯ୍ୟକ୍ରମ ନୂତନ ସଂଗଠନ ବିଭିନ୍ନ ୱାର୍ଡରୁ ଆସିଥିବା ଯାଦବ ସମାଜର କର୍ମକର୍ତା ଦାୟିତ୍ୱ ନେଇଥିବା ମୁଖ୍ୟ ପୂର୍ବତନ ମୁଖ୍ୟ ଉପଦେଷ୍ଟା ସତ୍ୟନାରାୟଣ ବାଗଙ୍କ ସଭାପତିତ୍ୱରେ ମୁଖ୍ୟତଃ ପାଂଚ ଜଣ ପ୍ରିଜାଡିଙ୍ଗ ଅଫିସର ଦାୟିତ୍ୱ ତୁଲାଇଥିଲା ସେମାନଙ୍କ ମଧରେ ଡମନ ବଗର୍ତି, ପୂର୍ବତନ ଜିଲ୍ଲା ସଭାପତି ଛବିଳ ବଗର୍ତି, ପୂର୍ବତନ ଉପସଭାପତି ବାସୁଦେବ ନାଗ, ଧ୍ରୁବ ଜୁଏଡ, ଦିଗାମ୍ବର ମାଝି । ବିଭିନ୍ନ ପଡାର କର୍ମକର୍ତା ଉପସ୍ତିତ ଥିବା ବେଳେ ଉପସଭାପତି ପାଇଁ କିଶୋର କୁମାର ଜାଲ, ସହ ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ବାସୁଦେବ ନାଗ ସର୍ବ ସମ୍ମତିକ୍ରମେ ମନୋନିତ ହୋଇଥିବା ବେଳେ କମିଟି ସଭ୍ୟ ଦୟା ସାଗର ବଗର୍ତି, ପଙ୍କଜ ସଲେମା, ଖରତ କୁମାର ରାଉତ, ବରୁଣ କୁମାର ହେର୍ଣ୍ଣା ଏବଂ ମହିଳା ନେତ୍ରୀ ମନୋନିତ ହୋଇଥିଲେ। ସଭାପତି ଓ ସଂପାଦକ ପଦ ପାଇଁ ଆଗାମୀ ଦିନରେ ଜିଲ୍ଲା ଯାଦବ ସମାଜର ହସ୍ତଗତ ପରେ ଏହି ଦୁଇ ପଦ ପାଇଁ ନିର୍ବାଚନ ହେବ।

# ହୀରାକୁଦ ଜଳଭଣ୍ଡାରରୁ ୨ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ

ସମ୍ବଲପୁର, ୧/୦୭ (ନି.ପ୍ର): ହୀରାକୁଦ ଜଳଭଣ୍ଡାରରୁ ୨ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ଡ୍ୟାମ୍ ର ବାମ ପାର୍ଶ୍ୱ ଡାଇକ୍ ର ଗୋଟିଏ ଓ ଡାହାଣ ପାର୍ଶ୍ୱ ଡାଇକ୍ ର ଗୋଟିଏ ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ଛଡାଯାଉଛି । ଜଳଭଣ୍ଡାର ମଧକୁ ପ୍ରତି ସେକେଣ୍ଡରେ ୯୩ ହଜାର ୬୬୦ ଘନଫୁଟ୍ ଜଳ ପ୍ରବେଶ କରୁଛି। ସେହି ସମୟରେ ମୋଟ୍ ୨ଟି ସ୍ଲୁଇସ୍ ଗେଟ୍, ଅନ୍ୟାନ୍ୟ ପାୱାର ଚାନେଲ ଓ ସ୍ପିଲୱେ ଦେଇ ପ୍ରତି ସେକେଣ୍ଡରେ ୬୬ ହଜାର ୪୪୩ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି। ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଜଳଭଣ୍ଡାରର ଜଳ ପତନ ମଙ୍ଗଳବାର ସଂନ୍ଧ୍ୟା ୬ଟା ସୁଦ୍ଧା ୬୦୮.୩୧ ଫୁଟ୍ ରହିଥିବା ହୀରାକୁଦ ନଦୀବନ୍ଧ କର୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି । ଜଳ ଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଗତ ୨୪ ଘଂଟାରେ ଜଳ ଭଣ୍ଡାରର ଉପର ମୁଣ୍ଡରେ ୧୦.୬୮ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ ତଳ ମୁଣ୍ଡରେ ୧୩.୨୧ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ହୀରାକୁଦ ନଦୀବନ୍ଧ କର୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ । ଏଠାରେ ଉଲ୍ଲେଖଯୋଗ୍ୟ, ୨୩ ତାରିଖ ଠାରୁ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ମହାନଦୀକୁ ଛଡାଯିବା ଆରମ୍ଭ ହୋଇଛି । ୨୮ ତାରିଖ ସକାଳ ୯ଟା ସୁଦ୍ଧା ୮ଟି ସ୍ଲୁଇସ୍ ଗେଟ୍ ଦେଇ ଜଳ ଭଣ୍ଡାରରୁ ଜଳ ନିଷ୍କାସନ କରାଯାଉଥିବା ବେଳେ ଉପର ମୁଣ୍ଡରେ ବର୍ଷାର ପରିମାଣ କମିବାରୁ ଏହାକୁ ଦୃଷ୍ଟିରେ ରଖି ପରବର୍ତି ସମୟରେ ୬ଟି ସ୍ଲୁଇସ୍ ଗେଟ୍ (ବାମ ପାର୍ଶ୍ୱରୁ ୫ଟି, ଡାହାଣ ପାର୍ଶ୍ୱରୁ ଗୋଟିଏ)କୁ ବନ୍ଦ କରାଯାଇଥିଲା ।

# ଏଏମ/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଅନ୍-ସାଇଟ୍ ମକ୍ ଡ୍ରିଲ୍



ପାରାଦ୍ୱୀପ, ୧/୮ (ସମିସ) : ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ପାରାଦ୍ୱୀପସ୍ଥିତ ପାୱାର ପ୍ଲାଣ୍ଟର ଜିଟି-୨ ଠାରେ ଏକ ଅନ-ସାଇଟ ମକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଜରୁରୀକାଳୀନ ପରିସ୍ଥିତିରେ କିପରି ଏକ ଅଗ୍ନିକୁ ଆୟତ କରାଯାଇପାରିବ ଏ ନେଇ କିଭଳି ସତର୍କତା ଅବଲମ୍ବନ କରାଯିବ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ଅନ୍-ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲରେ ରକ୍ଷଣାବେକ୍ଷଣ, ସ୍ୱାସ୍ଥ୍ୟ ଓ ନିରାପତ୍ତା, ପରିଚାଳନା, ପରିବେଶ, ମାନବ ସମ୍ବଳ, ଅଗ୍ନିଶମ ଏବଂ ଚିକିତ୍ସା ବିଭାଗ ଆଦି ଅଂଶଗ୍ରହଣ କରିଥିଲେ ।ଜଗତସିଂହପୁର ଜିଲ୍ଲା ବିପର୍ଯ୍ୟୟ ଗ୍ରୁପ୍ (ଡିସିଜି)ର ଅନୁମୋଦିତ କାର୍ଯ୍ୟସୂଚୀ ଅନୁଯାୟୀ ସରକାରୀ କର୍ତ୍ତୃପକ୍ଷ ଓ ପାର୍ଶ୍ୱବର୍ତ୍ତୀ ଶିକ୍ଷାନୁଷ୍ଠାନ ପ୍ରତିନିଧିଙ୍କ ଉପସ୍ଥିତିରେ ପାୱାର ପ୍ଲାଣ୍ଟ ପରିସରରେ ଜରୁରୀକାଳୀନ ମକ୍ ଡ୍ରିଲ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା । ଏହି ମକ୍ ଡ୍ରିଲ୍ ଦେଖିବା ପାଇଁ ଜଗତସିଂହପୁର ଜିଲ୍ଲା ଡେପୁଟି କଲେକ୍ଟର ସନ୍ଧ୍ୟା ସମର୍ଥ, କଟକ ଜୋନର କାରାଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ମନୋଜ ପଣ୍ଡା, କାରାଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର କାନ୍ତ ଦଳାଇ, ପାରାଦ୍ୱୀପ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, କୁଜଙ୍ଗ ଅଗ୍ନିଶମ କେନ୍ଦ୍ରର ଅଧିକାରୀ, ସିଆଇଏସ୍ଏଫ୍ ପ୍ରତିନିଧି, ସ୍ଥାନୀୟ ସରପଞ୍ଚଙ୍କ ସମେତ ପାର୍ଶ୍ୱବର୍ତ୍ତୀ ଶିକ୍ଷାନୁଷ୍ଠାନ ପ୍ରତିନିଧି ଓ ଅନାନ୍ୟ ସହଯୋଗୀମାନେ ଉପସ୍ଥିତ ଥିଲେ। ଜରୁରୀକାଳୀନ ପ୍ରସ୍ତୁତିର ଉନ୍ନତି ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ପାୱାର ପ୍ଲାଣ୍ଟର ମୁଖ୍ୟ ସରୋଜ ପଟ୍ଟନାୟକ, ସ୍ୱାସ୍ଥ୍ୟ ଓ ନିରାପତ୍ତା ମୁଖ୍ୟ ସଞ୍ଜୀବ କୁମାର ମୁଦୁଲି, ବିଜନେସ୍ ଏକ୍ସଲେନ୍ସ ମୁଖ୍ୟ ରାଜର୍ଷି ସିହ୍ନା, ଅପରେସନ୍ ମୁଖ୍ୟ ହରିପ୍ରସାଦ ଓ ବରିଷ୍ଠ ମ୍ୟାନେଜମେଣ୍ଟ ଟିମ୍ ଉପସ୍ଥିତ ରହି ଜରୁରୀକାଳୀନ ପରିସ୍ଥିତିର ଉନ୍ନତି ପାଇଁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି କହିଛନ୍ତି , "ଆମେ ପ୍ଲାଣ୍ଟରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କ ସୁରକ୍ଷା ଉପରେ ସବୁ ସମୟରେ ଧ୍ୟାନ ଦେଇଥାଉ । ନିୟମିତ ବ୍ୟବଧାନରେ ସୁରକ୍ଷା ପ୍ରଦର୍ଶନକୁ ସୁଦୃଢ଼ କରିବା ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ କରିଥାଉ । ଆମ ପ୍ଲାଣ୍ଟରେ ଏହି ଅନ-ସାଇଟ୍ ମକ୍ ଡ୍ରିଲ୍ ଏବଂ ଜରୁରୀକାଳୀନ ପ୍ରସ୍ତୁତି ଉପରେ ପର୍ଯ୍ୟବେକ୍ଷକଙ୍କ ପରାମର୍ଶ ଆମକୁ ସାମଗ୍ରିକ ପ୍ରକ୍ରିୟାରେ ଆବଶ୍ୟକ ଉନ୍ନତି ଆଣିବାରେ ସାହାଯ୍ୟ କରିବ।

## କଲେଜ ଜୀବନର ପ୍ରଥମ ଦିନ: ମନେ ରହିଥିବ ସବୁଦିନ

ଉଦଳା , ୧/୦୮ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା କନିଷ୍ଠ ମହାବିଦ୍ୟାଳୟ, ନୁଦଡ଼ିହାସ୍ଥିତ ମେଘାସନ କନିଷ୍ଠ ମହାବିଦ୍ୟାଳୟ ଓ ସମଗ୍ର କପ୍ତିପଦା ଉପଖଣ୍ଡରେ ଏକ ମାତ୍ର ମହିଳା ମହାବିଦ୍ୟାଳୟ ରୂପେ ନିଜର ପରିଚୟ ସୃଷ୍ଟି କରିଥିବା ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ କନିଷ୍ଠ ମହିଳା ମହାବିଦ୍ୟାଳୟରେ ଆଜି ଅଗଷ୍ଟ ୧ ତାରିଖ ମଙ୍ଗଳବାର ଦିନ +୨ ପ୍ରଥମ ବର୍ଷର ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । +୨ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀ ମାନେ ପୁଷ୍ପଗୁଚ୍ଛ ଓ ଚନ୍ଦନ ତିଳକ ଦେଇ ଶଙ୍ଖ ଘଂଟା ବଜାଇ ହୁଳହୁଳି ଦେଇ ନବାଗତଙ୍କୁ ସ୍ୱାଗତ ଜଣାଇଥିଲେ । ଏହାପରେ କପ୍ତିପଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ, ମେଘାସନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଓ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଛାତ୍ର ଛାତ୍ରୀ ମାନଙ୍କୁ ଆଜିର ଦିନଟି କିପରି ମାନଓ ପଟରୁ ଆଦୌ ଲିଭେ ନାହିଁ ସେ ସମ୍ପର୍କରେ ନିଜ ନିଜର କଲେଜ ଜୀବନର ପ୍ରଥମ ଦିନର ଅନୁଭବ ବ୍ୟକ୍ତ କରିଥିଲେ । ମେଘାସନ ମହାବିଦ୍ୟାଳୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ଅତିଥି ଭାବରେ ଯୋଗ ଦେଇ ନିଜ କଲେଜ ଜୀବନର ଅନୁଭବ ଶୁଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଡ଼କ୍ଟର ନିରନ ପାଠୀ ଓ ପାଠାଗାର ଅଧ୍ୟକ୍ଷ ମନୋରଂଜନ ମଲ୍ଲିକ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା କୁମକୁମ ଦାସ ଓ ଡ଼କ୍ଟର ସୁଷମା ସାହୁ, କପ୍ତିପଦା ମହାବିଦ୍ୟାଳୟର ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି ଓ ଡ଼କ୍ଟର ଶ୍ରୀହରି ପଣ୍ଡା ପ୍ରମୁଖ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ଉଦେଶ୍ୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ତରଫରୁ ନୀଳମଣି ମହାବିଦ୍ୟାଳୟରେ ବନ ମହୋତ୍ସବ ଓ ଚାରା ରୋପଣ



ବସ୍ତା, ୧/୦୮ (ନି.ପ୍ର): ସଦର ବ୍ଲକ ଅର୍ନ୍ତଗତ ରୂପସା ସ୍ଥିତ ନୀଳମଣି ମହାବିଦ୍ୟାଳୟ ପରିସରରେ ବସ୍ତାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ତରଫରୁ ବନ ମହୋତ୍ସବ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶବିତ ତଥା ସମାଜସେବୀ ସୁମନ୍ତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ତପନ କୁମାର ବେହେରା ମୁଖ୍ୟ ଅତିଥି ଭାବରେ ଏବଂ ଅଧ୍ୟାପକ ତଥା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା, ବସ୍ତା ପ୍ରେସ୍ କ୍ଲବ ସଭାପତି ବାଞ୍ଛାନିଧି ଦେ, ସାମାଜିକ କର୍ମୀ ରାଜୀବ କୁମାର ଗାନ୍ଧୀ, ଅଧ୍ୟାପିକା ଇତିଶ୍ରୀ ମହାନ୍ତ, ଅଧ୍ୟାପକ ଶ୍ରବଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ର ଓ ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଚାରା ରୋପଣର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ କଲେଜ ପରିସରରେ ଆମ୍ବ, ସପେଇତା , ଲେମ୍ବୁ, ବଉଳ, ଅଁଳା, ନିମ୍ବ, ଜାମୁ ଓ ନଡ଼ିଆ ଆଦି ବିଭିନ୍ନ ପ୍ରଜାତିର ଚାରା ରୋପଣ କରା ଯାଇଥିଲା । ନଗେନ୍ ବେହେରା, ଶିବନାରାୟଣ ମାଝୀ, ଯୋଗେଶ୍ୱର ଗିରି, ମନ୍ମଥ ଦଲେଇ, ଜ୍ୟୋତି ରଞ୍ଜନ ବର, ରଶ୍ମି ବିଶି, ଜସ୍ମିନ୍ ଭୋଇ ଓ କଳ୍ପନା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କଠାରେ ଦାବି

ଲଙ୍ଗଳେଶ୍ୱର , ୧/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡି ପଞ୍ଚାୟତର ଥିବା ସରକାରୀ ଜାଗା ଏବେ ଜବରଦଖଲ କାରିଙ୍କ କବଯାରେ ରହିଛି। ଫଳରେ ପଞ୍ଚାୟତର ବିକାଶ ବାଧାପ୍ରାପ୍ତ ହୋଇଛି। ଗ୍ରାମର ଏକ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଗ୍ରାମରେ ଥିବା ସରକାରୀ ଜାଗା ଖାତା ନଂ ୫୨୮ ପ୍ଲଟ ନମ୍ବର ୨୨୭ (୩୨) ଡିସିମିଲ କୁ ଗ୍ରାମବାସୀ ମାନେ ଚିହ୍ନଟ କରିଥିଲେ। ମାତ୍ର ଗ୍ରାମର ଦେବେନ୍ଦ୍ର ମଲ୍ଲିକ, ପିତା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଏହି ସରକାରୀ ଜାଗା କୁ ଜବରଦଖଲ କରିଥିବା ରୁ ଏହି ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ ବୋଲି ସମବାର ବାଲିଆପାଳ ବ୍ଲକ ରେ ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଙ୍କ ଠାରେ ଗ୍ରାମର ବିକ୍ରମ ବେହେରା ଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ। ଜବରଦଖଲ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲିଆପାଳ ତହସିଲଦାର ଦୀପକ ଦାଶ କହିଛନ୍ତି।


**ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର**

**Tender Notice No :TRD-KGP-W-2023-24-10, dtd 31.07.2023**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର / ଟିଆରଡି / ଖଡ଼ଗପୁର - ୭୨୧୩୦୧ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ୧୫.୦୦ଘଣ୍ଟା ପୂର୍ବରୁ ଇ ଟେଣ୍ଡର ଗ୍ରହଣ କରାଯାଇ ୧୫.୩୦ ଘଣ୍ଟାରେ ଖୋଲାଯିବ । **କାର୍ଯ୍ୟଗୁଡ଼ିକର ବର୍ଣ୍ଣନା** - ବସ୍ତା- ବାଲେଶ୍ୱର, ହାୱଡ଼ା- ଖଡ଼ଗପୁର, ଖଡ଼ଗପୁର- ଟାଟାନଗର ଜେ.ଏନ୍ ଏବଂ ଟିକିରାପାଳ ପି.ଏଚ୍.- ବାହାନଗା ବଜାର TRR (P) - ୫୭.୫୨୧ କି.ମି. **ଟେଣ୍ଡର ମୂଲ୍ୟ :** ୬,୬୫,୮୫୦ **ଅମାନତ ଟଙ୍କା :** ୧୩,୩୦୦ / - **ଟେଣ୍ଡର ପେପର୍ ମୂଲ୍ୟ :** ନାହିଁ । **ଖୋଲିବା ତାରିଖ :** ୨୧.୦୮.୨୦୨୩ **କାର୍ଯ୍ୟ ସରିବା ସମୟ :** ୧୨ ମାସ । **ଦାଖଲ ତାରିଖ :** ୨୧.୦୮.୨୦୨୩ ର ୧୫.୦୦ଘଣ୍ଟା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରକାରୀ www.ireps.gov.in କୁ ଯାଇ ପରିଦର୍ଶନ କରିବା ସହ ସମ୍ପୂର୍ଣ୍ଣ ବିବରଣୀ ସହ ଅନ୍‌ଲାଇନ୍‌ରେ ଟେଣ୍ଡର ପକାଇପାରିବେ । କୌଣସି ପରିସ୍ଥିତିରେ ମେନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର. :** ଆଶାୟୀ ଟେଣ୍ଡରର୍ ମାନେ www.ireps.gov.in କୁ ଯାଇ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ।

**PR : 460**


## ବିଦ୍ୟାର୍ଥୀ ବିକାଶ ମଞ୍ଚ ତରଫରୁ ବୈଦିକ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ



ଭଦ୍ରକ, ୧/୦୮ (ନି.ପ୍ର): ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ବାବଦରେ ରାଜ୍ୟ ସରକାର ଯଥାଶୀଘ୍ର ସରକାରୀ ବିଜ୍ଞପ୍ତି ପ୍ରକାଶ କରନ୍ତୁ ଓ ତାହାକୁ ଓଡ଼ିଶାର ଶାସନର ମୁଖିଆ ଭାବରେ ମାନନୀୟ ମୁଖ୍ୟମନ୍ତ୍ରୀ ଘୋଷଣା କରନ୍ତୁ ବୋଲି ସ୍ୱାଭିମାନୀ ଭଦ୍ରକବାସୀଗଣ ଚାତକ ନୟନରେ ଅପେକ୍ଷା ରଖିଛନ୍ତି। ଏଥି ସହିତ ଫକିରମୋହନ ଓ ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟ ଶୈଳୀରେ ଭଦ୍ରକ ସହରାଞ୍ଚଳ ଆଖପାଖରେ ପୂର୍ବ ନିର୍ଦ୍ଧାରିତ ନାମ କରଣ ଅନୁଯାୟୀ ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସ୍ୱାଭିମାନୀ ଭଦ୍ରକବାସୀଙ୍କର ସ୍ୱର ଭାବରେ ବିଦ୍ୟାର୍ଥୀ ବିକାଶ ମଞ୍ଚ ଦାବି କରି ଆସୁଥିଲା । ପ୍ରତିବାଦର ଧାରା ଶାଣିତ ହେବାରୁ ଚଳିତ ବର୍ଷ ଜୁନ୍ ୧୧ ତାରିଖରେ ଭଦ୍ରକ ଗସ୍ତରେ ଆସିଥିବା ରାଜ୍ୟ ସରକାରଙ୍କ ୫ଟି ସଚିବ ମହୋଦୟ କହିଗଲେ ଯେ ଏହି ବାବଦରେ ମାନନୀୟ ମୁଖ୍ୟମନ୍ତ୍ରୀ ଠିକ୍ ସମୟରେ ଘୋଷଣା କରିବେ। ଏଣୁ ଏଇ ଠିକ୍ ସମୟଟି ଖୁବ୍ ଶିଘ୍ର ଆସୁ ଓ ଭଦ୍ରକରେ ବିଶ୍ୱ ବିଦ୍ୟାଳୟ ସ୍ଥାପନ ଅବିଳମ୍ବେ ଆରମ୍ଭ କରିବା ଲାଗି ପ୍ରଭୁ ଜଗନ୍ନାଥ, ମାନନୀୟ ରାଜ୍ୟସରକାରଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ, ଏତକ ପ୍ରାର୍ଥନା କରି ଅନୁଷ୍ଠାନ ତରଫରୁ ସ୍ଥାନୀୟ ଜାନୁଗଞ୍ଜ ସ୍ଥିତ ଦିବ୍ୟମ ହଲ୍‌ରେ ଏକ ବୈଦିକ ବିଶ୍ୱଶାନ୍ତି ଯଜ୍ଞର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଆୟୋଜନରେ ବେଦବିତ୍ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ଉକ୍ତ ଯଜ୍ଞ କାର୍ଯ୍ୟଟି ସମାପନ କରାଯାଇଥିଲା। ଏଠାରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଶୃଙ୍ଖଳିତ ଆନନ୍ଦଭବନ ମେସ୍ ଓ ସଂସ୍କାରିତ ଗାୟତ୍ରୀ ମହିଳା ମେସ୍‌ର ଶତାଧିକ ଆଦର୍ଶ ବିଦ୍ୟାର୍ଥୀଗଣ ଉପସ୍ଥିତ ଥିଲେ। ଯଜ୍ଞ ଶେଷରେ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡାଙ୍କ ମାର୍ଗ ଦର୍ଶନରେ "ଆସ ଜଣେ ଭଲ ବିଦ୍ୟାର୍ଥୀ ହବା ଓ ଭଲ ମଣିଷଟିଏ ହେବା" ଶୀର୍ଷକରେ ଏକ ପାଠ୍ୟଚକ୍ର କରାଯାଇଥିଲା। ଶେଷରେ ଉକ୍ତ ମଞ୍ଚର ସଭାପତି ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳ ମହୋଦୟ ଭଦ୍ରକର ବିଶ୍ୱ ବିଦ୍ୟାଳୟ ସ୍ଥାପନ ବାବଦରେ ମର୍ମଭେଦୀ ପ୍ରସଙ୍ଗଟି ଉତ୍‌ଥାପନ କରିଥିଲେ। ତାଙ୍କ କହିବା କଥା ହେଲା ଯଦି ଛେଣ୍ଡିପଦାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫ଟି ସଚିବ ମହୋଦୟ ମୋବାଇଲ୍‌ରେ ଆଭାସି କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆମ ହସ୍‌ପିଟାଲ୍‌ରେ ପରିଣତ ପାଇଁ ସେହି ଲୋକଙ୍କ ଗହଣରେ ରହି ଘୋଷଣା କରାଇ ପାରିଲେ, ତେବେ ଚଳିତ ବର୍ଷ ଜୁନ୍ ୧୧ରେ ଭଦ୍ରକ ଗ୍ରସ୍ତରେ ଥିବାବେଳେ ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ବାବଦରେ ସେପରି ନ କରିଲେ କାହିଁକି ? ଏଠାରେ ସୂଚନାଯୋଗ୍ୟ ଏହିଯେ ରାଜ୍ୟର ୩ନଂ ବିଶ୍ୱବିଦ୍ୟାଳୟ ପରେ ୪ର୍ଥ ବିଶ୍ୱବିଦ୍ୟାଳୟ ଭାବରେ ଭଦ୍ରକରେ ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ ହେବା ଉଚିତ୍ ବୋଲି କେନ୍ଦୀୟ ଟିମ୍ ୭୦ ଦଶକରେ ସ୍ପଷ୍ଟ କରିଥିଲେ। ମାତ୍ର ଏଯାବତ୍ ଏହି ନ୍ୟାୟରୁ ଭଦ୍ରକବାସୀ ବଞ୍ଚିତ ଅଛୁ। ଏଣୁ ଅବିଳମ୍ବେ ଆମ୍ଭର ଏହି ଦାବି ପୂରଣ ପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରନ୍ତୁ ନଚେତ୍ ପରବର୍ତ୍ତୀ ଛାତ୍ର ଓ ଜନ ଅସନ୍ତୋଷ ପାଇଁ ସରକାର ଦାୟୀ ରହିବେ ବୋଲି ବିଦ୍ୟାର୍ଥୀ ବିକାଶ ମଞ୍ଚ ତରଫରୁ ପ୍ରକାଶ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଉପଦେଷ୍ଟା ମାନଙ୍କ ମଧ୍ୟରେ ମୁଖ୍ୟ ଉପଦେଷ୍ଟା ପ୍ର. ଡ. ଦେବେନ୍ଦ୍ର ନାଥ ରାଉତ, ଡ. ରାଧାରାଣୀ ମହାପାତ୍ର, ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ଅଧ୍ୟାପକ ସଂଗ୍ରମ କେଶରୀ ମହାନ୍ତି, ରୋଟାରିଆନ୍ ଅଭିଜିତ୍ ନାୟକ, ସମାଜସେବୀ ଅନିଲ୍ ଦେ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶାନ୍ତନୁ ରାଉତ, ଶ୍ରୀମତୀ ପ୍ରମୋଦା ମହାରଣା, ଇନରହୁଇଲ୍ କ୍ଲବର ସଭ୍ୟା ଶ୍ରୀମତୀ ସରଜୁବାଳା ମହାନ୍ତି, ଶ୍ରୀମତୀ ରଶ୍ମୀରେଖା ମହାନ୍ତି, ମା ଅଖୁଜୀ ବିଶ୍ୱାଳ, ଉଦ୍ୟାନବିତ୍ ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ମହାନ୍ତି, ଶ୍ରୀଯୁକ୍ତ ପ୍ରେମାନନ୍ଦ ମହାନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଆଜି ବି ବର୍ଷିବ....

ବଲାଙ୍ଗିର, ନୂଆପଡା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ବ୍ୟତୀତ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମୟୁରଭଂଜ, ବାଲେଶ୍ୱର, ଢେଙ୍କାନାଳ, କଟକ, ନୟାଗଡ, ନବରଙ୍ଗପୁର,ଯାଜପୁର ଓ ଭଦ୍ରକ। ସେହିପରି ୩ ତାରିଖରେ ସୁନ୍ଦରଗଡ, ଝାରସୁଗୁଡା, ବରଗଡ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ତେବେ ୪ ତାରିଖ ବେଳକୁ ବର୍ଷାର ପରିମାଣ କମିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

### ବିଜେଡିର ଏନଡିଏ...

ମାତ୍ର ରାଜ୍ୟସଭାରେ ଏନଡିଏ ପାଇଁ ସମସ୍ୟା ରହିଛି । କାରଣ ଏବେ ବିରୋଧୀ ଦଳଙ୍କ (ଇଣ୍ଡିଆ) ସାଂସଦମାନଙ୍କ ସମେତ ଭାରତ ରାଷ୍ଟ୍ର ସମିତି(ବିଆରଏସ)ର ସମସ୍ତ ୭ଜଣ ସଦସ୍ୟଙ୍କୁ ମିଶାଇଲେ ମୋଟ ୧୦୮ଜଣ ସାଂସଦ ରାଜ୍ୟସଭାରେ ଦିଲ୍ଲୀ ବିଲ ବିରୁଦ୍ଧରେ ଭୋଟ୍ ଦେବେ । ତେବେ ରାଜ୍ୟସଭାରେ ମ୍ୟାଜିକ୍ ନମ୍ବର ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ଏବେ ଆବଶ୍ୟକ ସଂଖ୍ୟକ ସମର୍ଥନ ନାହିଁ । ତେବେ ଜଗନମୋହନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ପାର୍ଟିର ୯ଜଣ, ଜେଡିୟୁ, ବହୁଜନ ସମାଜ ପାର୍ଟି ଓ ତେଲଗୁ ଦେଶମ ପାର୍ଟିର ଜଣେ ଲେଖାଏଁ ସାଂସଦଙ୍କୁ ମିଶାଇଲେ ମୋଟ ୧୨ଜଣ ସାଂସଦ ଏବଂ ୫ଜଣ ମନୋନୀତ ଓ ୩ଜଣ ସ୍ୱାଧୀନ ସାଂସଦଙ୍କ ସମର୍ଥନ ମିଶିଲେ ମୋଟ ୨୦ଜଣ ସମର୍ଥନ ମିଳିବ । ମନୋନୀତ ସଦସ୍ୟମାନେ ସର୍ବଦା କ୍ଷମତାସୀନ ଦଳ ସପକ୍ଷରେ ମତଦାନ କରିଥାନ୍ତି । ତଥାପି ମ୍ୟାଜିକ୍ ନମ୍ବର ପାଇଁ ଆହୁରି ୧୧ଜଣ ସଦସ୍ୟଙ୍କ ସମର୍ଥନ ଜରୁରୀ ଥିବାରୁ ବିଜେଡିର ସମର୍ଥନ ଘୋଷଣା ଏନଡିଏକୁ ଆଶ୍ୱସ୍ତ କରିଛି । ରାଜ୍ୟସଭାରେ ବିଜେଡିର ୯ଜଣ ସାଂସଦ ଅଛନ୍ତି । ତେବେ ବିଜେଡିର ଏନଡିଏକୁ ଏଭଳି ନିଃସର୍ତ୍ତ ସମର୍ଥନ ଘୋଷଣା ଦଳର ଦୋମୁହାଁ ନୀତି ଓ 'ସମଦୂରତ୍ୱ ନୀତି' ପ୍ରତି ଉପହାସ ସଦୃଶ ହୋଇଛି ।

### ହରିୟାଣା ଗୋଷ୍ଠୀ ...

ରାସ୍ତା ଅବରୋଧ କରିଥିଲେ। ଦୁଇ ଗୋଷ୍ଠୀ ପଥର ମାଡ କରିବା ସହ କାରରେ ମଧ୍ୟ ନିଆଁ ଲାଗାଇ ଦେଇଥିଲେ। ହରିୟାଣା ସରକାରୀ ଅଧିକାରୀଙ୍କ ଅନୁଯାୟୀ, "ନୁହ, ସୋହନା ଏବଂ ଏହାର ଆଖପାଖ ଜିଲ୍ଲାରେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ସେଠାରେ ୧୩ଟି ପାରାମିଲିଟାରୀ 'କମ୍ପାନୀ' ଉପସ୍ଥିତ ଅଛନ୍ତି, ଖୁବ୍ ଶୀଘ୍ର 'କମ୍ପାନୀ'ଙ୍କୁ ସେଠାରେ ନିୟୋଜିତ କରାଯିବ। ଫରିଦାବାଦ, ପାଲୱାଲ ଏବଂ ଗୁରୁଗ୍ରାମରେ କୌଣସି କର୍ଫ୍ୟୁ ଲାଗୁ କରାଯାଇ ନାହିଁ। ଗୁରୁଗ୍ରାମଙ୍କ ସୋହାନାରେ ଖୁବ୍ ଶୀଘ୍ର ଶାନ୍ତି କମିଟି ବୈଠକ ଆରମ୍ଭ ହେବ।" ଅନ୍ୟପଟେ ଗୁରୁଗ୍ରାମ ଏବଂ ଫରିଦାବାଦର ମଙ୍ଗଳବାର ସମସ୍ତ ବିଦ୍ୟାଳୟ ଓ କଲେଜ ବନ୍ଦ ରଖାଯାଇଛି। ଏଥିସହ ନୁହ ଜିଲ୍ଲାରେ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ସ୍ଥଗିତ ରଖାଯାଇଛି ବୋଲି ହରିୟାଣା ସରକାର କହିଛନ୍ତି। ହରିୟାଣା ଗୃହମନ୍ତ୍ରୀ ଅନିଲ ବିଜୟ କହିଛନ୍ତି ଯେ, ନୁହର ଏକ ଶିବ ମନ୍ଦିରରେ ପ୍ରାୟ ୨୫୦୦ ପୁରୁଷ, ମହିଳା ଏବଂ ଶିଶୁଙ୍କୁ ପୁଲିସ ସ୍ଥାନାନ୍ତର କରିଛି। ଏଥିମଧ୍ୟରେ ଭକ୍ତ ଏବଂ ଯେଉଁମାନେ ଗୋଷ୍ଠୀ ସଂଘର୍ଷ ସମୟରେ ସେଠାରେ ଆଶ୍ରୟ ନେଇଥିଲେ ସେମାନଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଛି।

### ସ୍ୱର୍ଗଦ୍ୱାରରେ ହରିଶ୍ଚନ୍ଦ୍ର ...

ଜଣେ ହିତାଧିକାରୀ ପୂର୍ବରୁ ହରିଶ୍ଚନ୍ଦ୍ର ସହାୟତାରେ ଦାହ କାର୍ଯ୍ୟ ପାଇଁ ଦେଢ଼ କ୍ୟୁଣ୍ଟାଲ କାଠ ପାଉଥିବା ବେଳେ ଏବେ ଏହାକୁ ବୃଦ୍ଧି କରି ୧ କ୍ୟୁଣ୍ଟାଲ ୮୦ କେଜିକୁ ବୃଦ୍ଧି କରାଯାଇଛି। ସେହିପରି ପଥଶ୍ରାଦ୍ଧ ସାମଗ୍ରୀ ମଧ୍ୟ ହରିଶ୍ଚନ୍ଦ୍ର ସହାୟତା ରାଶିରେ ଅନ୍ତର୍ଭୁକ୍ତ କରାଯାଇଛି। ସଂସ୍କାର ସାମଗ୍ରୀରେ ଘିଅ ପରିମାଣ ବୃଦ୍ଧି କରି ୨୦୦ଗ୍ରାମରୁ ୩୦୦ ଗ୍ରାମ କରାଯାଇଛି। ଶବ ସଂସ୍କାର କରିବାକୁ ଆସୁଥିବା ବ୍ୟକ୍ତି କାଠ ବୋହି ନେବା ପାଇଁ ପୂର୍ବରୁ କେବଳ ଟ୍ରଲି ସୁବିଧା ପାଉଥିଲେ, ଏବେ ଏହି ବ୍ୟବସ୍ଥାରେ ସୁଧାର ଆଣି କାଠ ବୋହିବା ପାଇଁ ୭ ଜଣ ପରିବହନ ସେବକ ମୁତୟନ କରାଯାଇଛି। ଯାହା ଫଳରେ ମୃତବ୍ୟକ୍ତିଙ୍କ ଦାହ ସଂସ୍କାର ସ୍ଥାନକୁ ଏହି ସେବକ ମାନେ ଟ୍ରଲି ସାହାଯ୍ୟରେ କାଠ ବୋହି ନେଇ ଥୋଇବେ। ଏହା ସହିତ ସ୍ୱର୍ଗଦ୍ୱାର ସେବାକେନ୍ଦ୍ରରୁ ସେବା ନେଇଥିବା ବ୍ୟକ୍ତିମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏସଏମଏସ ମାଧ୍ୟମରେ ବାର୍ତ୍ତା ପଠାଇବା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଯାହା ଫଳରେ ଯଦି କେହି ତାଙ୍କ ରସିଦ ହଜାଇ ଦେଇଥାନ୍ତି ତେବେ ରେଜିଷ୍ଟ୍ରେସନ ନମ୍ବର ଦେଖାଇ ପୁଣି ସହଜରେ ଏହାର ରସିଦ ନକଲ ପାଇ ପାରିବେ। ଆଗକୁ ଲୋକେ ସେମାନଙ୍କ ପରିଜନଙ୍କ ମୃତଦେହକୁ ଏଠାରେ ସୁବିଧାରେ ଶେଷ ସଂସ୍କାର କରିବା ନିମନ୍ତେ ସ୍ୱର୍ଗଦ୍ୱାର ଆପ୍ ଓ ୱେବସାଇଟର ସୁବିଧା ପାଇବେ। ମୃତଦେହ ସଂସ୍କାର ନିମନ୍ତେ ଏଠାରେ ନିଯୁକ୍ତ ସଂସ୍କାର ସେବକଙ୍କୁ ବୀମା ଅନ୍ତର୍ଭୁକ୍ତ କରାଯିବା ସହ ମୃତ୍ୟୁକାଳୀନ ଓ ବିବାହ ସହାୟତା ରାଶି ମଧ୍ୟ ଦେବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ପୁରୀ ସ୍ୱର୍ଗଦ୍ୱାରକୁ ଦାହ ସଂସ୍କାର ପାଇଁ ଆସୁଥିବା ବ୍ୟକ୍ତି ବିଶେଷମାନଙ୍କୁ ଶୋଷଣ ମୁକ୍ତ ଓ ବାଧା ରହିତ ବ୍ୟବସ୍ଥା ଦେବା ପାଇଁ ପରିଚାଳନା ଦାୟିତ୍ୱରେ ଥିବା ସ୍ୱର୍ଗଦ୍ୱାର ସେବା ସମିତି ଏହି ପଦକ୍ଷେପ ନେଇଛି। ଏନେଇ ସ୍ୱର୍ଗଦ୍ୱାର ସେବା ସମିତି ଆବାହକ ସମ୍ପାଦକ ତଥା ଉପଜିଲ୍ଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ସ୍ୱର୍ଗଦ୍ୱାର ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୁରୀ ପୌରସଂସ୍ଥା ଠାରୁ ଦାୟିତ୍ୱ କାଢ଼ି ନେଇ ସ୍ୱର୍ଗଦ୍ୱାର ସେବା ସମିତି ହାତରେ ଦିଆଯାଇଛି। ସ୍ୱର୍ଗଦ୍ୱାରରେ ଅବ୍ୟବସ୍ଥା, ଶବ ସଂସ୍କାରରେ ତ୍ରୁଟି, ହରିଶ୍ଚନ୍ଦ୍ର ସହାୟତା ରାଶି ବାଟମାରଣ, ଜନ ଅସନ୍ତୋଷକୁ ନେଇ ଆରଡିସି ତଦନ୍ତ ରିପୋର୍ଟ ଆସିବା ପରେ ପରିଚାଳନା ଦାୟିତ୍ୱକୁ ପୁରୀ ପୌରସଂସ୍ଥା ଠାରୁ କାଢ଼ି ନିଆଯାଇ ନୂତନ ଭାବେ ଗଠିତ କମିଟି ହାତରେ ଦିଆଯାଇଥିଲା।

### ଓଡ଼ିଶାରୁ ଗିରଫ ...

ପୁଲିସ୍ ଅଭିଯୁକ୍ତଙ୍କଠାରୁ ପୁଲିସ୍ ଗୋଟିଏ କାର, ନଗଦ ୧ ଲକ୍ଷ ୫ ହଜାର ଟଙ୍କା, ୮ଟି ଏଟିଏମ କାର୍ଡ, ୬ଟି ମୋବାଇଲ ଓ ୨ଟି ୱାକିଟକି ଜବତ କରିଛି। ଜବତ ହୋଇଥିବା ଗଞ୍ଜେଇ ବାଲିପଠାରୁ ତାମିଲନାଡୁ ଚାଲାଣ ହେଉଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ଗଜପତି ଅତିରିକ୍ତ ଏସ୍‌ପି ସୁନିଲ ମହାନ୍ତି କହିଛନ୍ତି।

## ବିଜେଡି ସାଙ୍ଗଠନିକ ବୈଠକ ଅନୁଷ୍ଠିତ



ବାରିପଦା , ୧/୦୮ (ନି.ପ୍ର): ଆଜି ବାରିପଦା ତକତପୁର ସ୍ଥିତ ହୋଲି ପ୍ୟାଲେସଠାରେ ବିଜେଡିର ବାରିପଦା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଂଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ନେତା ଓ କର୍ମୀ ମାନଙ୍କୁ ଲୋକଙ୍କ ନିକଟକୁ ଯାଇ ତାଙ୍କର ସୁଖ ଦୁଃଖ ରେ ସାମିଲ ହେବା ସହିତ ରାଜ୍ୟ ସରକାରଙ୍କ ବହୁବିଧ ଜନକଲ୍ୟାଣ କାରୀ ଯୋଜନା ଗୁଡିକର ସୁଫଳ କିପରି ଲୋକେ ସହଜରେ ପାଇବେ ସେ ସମ୍ପକରେ କାର୍ଯ୍ୟ କରିବା ସହ ସମସ୍ତ ନେତା ଓ କର୍ମୀ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଦଳରେ କୋଣସି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମଧ୍ୟ ନେତା ଓ କର୍ମୀ ମାନଙ୍କୁ ତାଗିଦ କରିଥିବାର ଜଣାଯାଇଛି। ଆଗାମୀ ନିର୍ବାଚନ ରେ ବାରିପଦା ନିର୍ବାଚନ ମଣ୍ଡଳୀ ସହିତ ସାରା ଜିଲ୍ଲାରେ ବିଜେଡି ଉତ୍ତମ ପ୍ରଦର୍ଶନ କରିବ ବୋଲି ନେତା କର୍ମୀ ମାନେ ସମ୍ମିଳିତ ଭାବେ କାମକରିବେ ବୋଲି କହିଥିଲେ। ଆଜିର ବୈଠକରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଅନୁସୂଚିତ ଜାତି ଜନଜାତି ଓ ସଂଖ୍ୟା ଲଘୁ ବିଭାଗର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ଏସ ଡି ସି ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ପୂର୍ବତନ ବିଧାୟକ ଭାଦବ ହାଁସଦା ପ୍ରମୁଖ ନିଜନିଜ ଅଭିଭାଷଣ ରେ ୨୦୨୪ ନିର୍ବାଚନରେ ଦଳକୁ ସଫଳତା ଆଣିବା ସହ ପୁଣିଥରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ କର୍ମୀ ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ପ୍ରଭାତ ନାୟକ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗର ପାଳ ସୀମା ଦାସ, ବାରିପଦା ବ୍ଲକ ଅଧ୍ୟକ୍ଷ ସୁନ୍ଦର ମୋହନ ସିଂ, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ୍ୟା ସୁଧନ୍ୟା ନାଏକ, ଜିଲ୍ଲା ମହିଳା ସଭାନେତ୍ରୀ ଦିପ୍ତୀଲତା ମିଶ୍ର, ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ ନାୟକ ପ୍ରମୁଖ ଯୋଗଦେଇଥିଲେ।

ବୁଧବାର, ଅଗଷ୍ଟ ୦୨, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାରିପଦାଠାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ବାରିପଦା , ୧/୦୮ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଫେସିଲିଟେସନ ସେଣ୍ଟରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବି. ଗଙ୍ଗାଧର ଙ୍କ ତତ୍ୱା ବଧାନରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୧୧୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୧୦୦ ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୦ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା. ଗ୍ରହଣ ହୋଇଥିବା ଆପତ୍ତି ଅଭିଯୋଗ ମଧ୍ୟରୁ ୧୭ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଏବଂ ସହାୟତା ରାଶି ପ୍ରଦାନ ପାଇଁ ଆସିଥିବା ଅଭିଯୋଗର ଗୁରୁତ୍ୱ ଓ ପରିସ୍ଥିତି କୁ ବିଚାର କରି ୧୨ ଜଣ ଙ୍କୁ ପ୍ରତ୍ୟେକ ୫,୦୦୦/- ଟଙ୍କା ଲେଖାଏଁ ଓ ଅନ୍ୟ ଏକ ବ୍ୟକ୍ତିଙ୍କୁ ପ୍ରତ୍ୟେକ ୧୦,୦୦୦/-ଟଙ୍କା ଏହିପରି ମୋଟ ୭୦,୦୦୦/-ଟଙ୍କା ରେଡକ୍ରସ ରୁ ଏବଂ ଅନ୍ୟ ଏକ ବ୍ୟକ୍ତି ଙ୍କୁ ୧୦,୦୦୦ ଟଙ୍କା ମୁଖ୍ୟ ମନ୍ତ୍ରୀ ସହାୟତା ପାଣ୍ଠି ରୁ ଜିଲ୍ଲାପାଳ ମଂଜୁର କରିଛନ୍ତି। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ଶିବିର ରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଅକ୍ଷୟ ସୁନୀଲ ଅଗ୍ରୱାଲ,ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରକାର, ଭାର ପ୍ରାପ୍ତ ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଜ୍ଞାନେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅଧିନସ୍ଥ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତଥା ପି. ଜି. ସେଲ ର ନୋଡାଲ ଅଧିକାରୀ ସୁଜୟ କୁମାର ପତିଙ୍କ ତତ୍ୱାବଧାନରେ ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ନୂଆସାହି ମହାବିଦ୍ୟାଳୟରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ




ଉଦଳା , ୧/୦୮ (ନି.ପ୍ର): କପ୍ତିପଦାସ୍ଥିତ ନୂଆସାହି ମହାବିଦ୍ୟାଳୟର ଶିକ୍ଷାବିଭାଗ ଏବଂ ଆଇ.କ୍ୟୁ.ଏ.ସି.ର ମିଳିତ ସହଯୋଗରେ ତିନି ଦିନ ଧରି ଚାଲିଥିବା ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମର ଶିର୍ଷକ ରିସର୍ଚ୍ଚ ମେଥଡ଼ୋଲୋଜି ଇନ ସୋସିଆଲ ସାଇନ୍ସନ୍ତ ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ଲିପିକା ବେହେରାଙ୍କ ସଭାପତିତ୍ୱରେ ତା.୨୯-୦୭-୨୦୨୩ ରିଖ ଦିନ ଉଦ୍‌ଘାଟିତ ହୋଇଥିଲା । ପ୍ରଥମ ଦିବସରେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବାରିପଦାର ଅବସରପ୍ରାପ୍ତ ଅଧକ୍ଷ ଡ଼କ୍ଟର ବିଜୟ କୁମାର ମହାନ୍ତି ମୁଖ୍ୟ ଅତିଥି ତଥା ବିଷୟ ବିଷାରଦ ଭାବେ ଯୋଗ ଦେଇ ପ୍ରତ୍ୟେକ ଅଧାପକ ଅଧାପିକା ଗବେଷଣାପ୍ରତି ଆଗ୍ରହଭାବ ଦେଖାଇବା ସହିତ ଶ୍ରେଣୀ ପ୍ରୋକଷ୍ଟରେ ଏହାକୁ ବ୍ୟବହାର କରିବା ଉଚିତ ବୋଲି ମତ ବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ତଥା ବିଷୟ ବିଷାରଦ ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟର ଆନ୍ଥ୍ରାପୋଲଜି ଏଣ୍ଡ ଟ୍ରାଇବାଲ ଷ୍ଟଡ଼ିଜ ବିଭାଗର ମୁଖ୍ୟ ପ୍ରଫେସର ଡ଼କ୍ଟର ବସନ୍ତ କୁମାର ମହାନ୍ତ ଯୋଗ ଦେଇ ଗବେଷଣା ପାଇଁ ଗୁଣାତ୍ମକ ତଥ୍ୟ କିପରି ସଂଗ୍ରହ କରାଯିବ ବିଭିନ୍ନ ଦୃଷ୍ଟାନ୍ତ ସାହାଯ୍ୟରେ ଆଲୋଚନା କରିଥିଲେ । ଦ୍ୱିତୀୟ ଦିବସରେ ଶ୍ରୀମା ମହିଳା ମହାବିଦ୍ୟାଳୟ ବାରିପଦାର ଅବସରପ୍ରାପ୍ତ ଅଧକ୍ଷ ଡ଼କ୍ଟର ପ୍ରକାଶଚନ୍ଦ୍ର ମହାପାତ୍ର ବିଷୟ ବିଷାରଦ ଭାବେ ଯୋଗ ଦେଇ ଗବେଷଣାର ସୋପାନ ଗୁଡ଼ିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଅନ୍ୟତମ ବିଷୟ ବିଷାରଦ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ବାଙ୍ଗିରିପୋଷୀର ଅଧକ୍ଷା ଡ଼କ୍ଟର ପୁଷ୍ପାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲେ । ଡ଼କ୍ଟର ପାତ୍ର ଯୋଗଦାନ କରିଥିବା ଅଧାପକ ଅଧାପିକା ତଥା ଶିକ୍ଷାର୍ଥି ମାନଙ୍କୁ ଗବେଷଣାର ଉଦେଶ୍ୟ, ଆବଶ୍ୟକତା ଏବଂ ଗବେଷଣାର ଏକ ବିଭାଗ ହାଇପୋଥେସିସ ବିଷୟରେ ବସ୍ତୃତ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ତୃତୀୟ ଦିବସରେ ଉଦଳା ମହାବିଦ୍ୟାଳୟ, ଉଦଳା ଶିକ୍ଷାବିଭାଗର ମୁଖ୍ୟ ଡ଼କ୍ଟର ସନ୍ତୋଷ କୁମାର ପଣ୍ଡା ଯୋଗ ଦେଇ ଗବେଷଣାର ରିପୋର୍ଟ ପ୍ରସ୍ତୁତ କରିବାର ଡ଼ିଜାଇନ ବିଷୟରେ ବସ୍ତୃତ ଭାବେ ଆଲୋଚନା କରିଥିଲେ । ଅନ୍ୟତମ ବିଷୟ ବିଷାରଦ ବେତନଟୀ ମହାବିଦ୍ୟାଳୟ, ବେତନଟୀ ଶିକ୍ଷା ବିଭାଗର ମୁଖ୍ୟ ଡ଼କ୍ଟର ବ୍ରଜ କିଶୋର ଜେନା ଯୋଗ ଦେଇ ଗବେଷଣାର ଏକ ମୁଖ୍ୟ ବିଭାଗ ନମୁନା ସଂଗ୍ରହ ଉପରେ ଆଲୋଚନା କରିଥିଲେ । ଆଇ.କ୍ୟୁ.ଏ.ସି. ସଂଯୋଜକ ଡ଼କ୍ଟର ନିବାରଣ ଶତପଥୀ କାର୍ଯ୍ୟକ୍ରମର ବିଷୟ ବିଷାରଦଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଆଇ.କ୍ୟୁ.ଏ.ସି.ର ସହସଂଯୋଜକ ସ୍ମିତାଶ୍ରୀ ସିଂ କାର୍ଯ୍ୟକ୍ରମର ପ୍ରତ୍ୟେକ ଦିବସରେ ଅତିଥି ମାନଙ୍କୁ ମଂଚକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀକାନ୍ତ, ବାଇଗଣବାଡ଼ିଆ, ବାରିପଦା, କରିଆ, ରାଗଧା, ଶୁଳିଆପଦା, ଖୁଂଟା, ପୁରୁଣାବାରିପଦା, ରାଡ଼ୋ, ଉଦଳା, କୁଣ୍ଡାବାଇ, ନୁଦଡ଼ିହା ମହାବିଦ୍ୟାଳୟର ଅଧାପକ ଅଧାପିକା ମାନେ ଯୋଗଦାନ କରିଥିଲେ । ଏହିକାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବଷରେ ମହାବିଦ୍ୟାଳୟ ଶିକ୍ଷାବିଭାଗର ଅଧାପିକା ନମିତା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଏହିକାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା, କର୍ମଚାରୀ ସହଯୋଗ କରି ସଫଳ କରାଇଥିଲେ ।

# ଆନନ୍ଦ ଶଙ୍କର ଦାସଙ୍କ ନାଟକ କପଟପାଶା ମଞ୍ଚସ୍ଥ

ବାରିପଦା , ୧/୦୮ (ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ଆନନ୍ଦ ଶଙ୍କର ଦାସଙ୍କ ରଚିତ ନାଟକ କପଟ ପାଶା ମଞ୍ଚସ୍ଥ ହୋଇଯାଇଛି । ୧୯୬୧ ମସିହାରେ ରଚିତ ଏକ ଭିନ୍ନ ସ୍ୱାଦର ଏହି ନାଟକ ଟିକୁ ଦେଖିବାପାଇଁ ଦର୍ଶକଙ୍କ ଭିଡ ଜମିଥିଲା ଓ ଡ଼ଃ କୁମର ମଣି ନାୟକଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଜ୍ଞାନରଞ୍ଜନ ପଣ୍ଡା, ପ୍ରସନ୍ନ କୁମାର ମହାନ୍ତି, କୁନ୍ଦନ ଲାଲ ଭଞ୍ଜ, ସିଦ୍ଧେଶ୍ୱର ବେହେରା, ନିରଞ୍ଜନ ନାୟକ, ରଣଜିତ କୁମାର ସାହୁ, ବିଜେନ୍ଦ୍ର କୁମାର ରାଉତ, ଗୁହିରାମ ଜେନା, ରାଜେଶ ଦାଶ, ଶର୍ମିଷ୍ଠା ପଣ୍ଡା, ପ୍ରିୟା ରାଉତ, ଶୁଦେଶ୍ନଓ ଭଞ୍ଜ ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ ଓ ନାଟକ ପ୍ରାରମ୍ଭରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ଼ଃ ଦେବାଶିଷ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଓ ଅଧାପିକା ରାଇମଣୀ ମାରାଣ୍ଡି ପ୍ରମୁଖ ଯୋଗଦେଇ ନିର୍ଦ୍ଦେଶକ ସମେତ ସମସ୍ତ କଳାକାରଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦିକା ସୁଚରିତା ମହାନ୍ତି, ଉପଦେଷ୍ଟା ସୋମନାଥ ସିଂହ, ଉପ ସଭାପତି ଡ଼ଃ ନିରୋଜ କୁମାର ପୋଥାଳ ଓ ଆନନ୍ଦ ବାବୁଙ୍କ ଜ୍ୟେଷ୍ଠ ପୁତ୍ର ବୁଲୁ ଭାଇ ଉପସ୍ଥିତ ଥିଲେ । ଡ଼ଃ ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

# ଲୁଙ୍ଗା ଉପ୍ରା ବିଦ୍ୟାଳୟରେ ଶିକ୍ଷକଙ୍କର ଅଭାବ

ବାସୁଦେବପୁର, ୧/୦୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲୁଙ୍ଗା ପଂଚାୟତ ର ଲୁଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବର୍ତ୍ତମାନ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଇବା ପାଇଁ ଶିକ୍ଷକଙ୍କର ଅଭାବ ରହିଛି । ସେଥିପାଇଁ ଅନେକ ସମସ୍ୟା ସୃଷ୍ଟି ହୋଇଛି । ଲୁଙ୍ଗା ପଂଚାୟତ ର ବଡ କିଆରୀ ଗ୍ରାମରେ ଏହି ବିଦ୍ୟାଳୟ ଅବସ୍ଥିତ । ଏଠାରେ ପାଠ ପଢୁଥିବା ପିଲାମାନେ ହରିଜନ ଅଟନ୍ତି । ଏଠାରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି ଓ ଛଅ ଜଣ ଶିକ୍ଷକ ଅଛନ୍ତି । ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ରେ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକ ବ୍ୟସ୍ତ ରହୁଛନ୍ତି । ତେଣୁ ଅନ୍ୟ ଶିକ୍ଷକ ଶିକ୍ଷା ଦାନ କରିବା କଷ୍ଟ ହୋଇପଡୁଛି । ଆଉ ଅଧିକ ଦୁଇ ଜଣ ଶିକ୍ଷକ ଏହି ବିଦ୍ୟାଳୟ ପାଇଁ ଆବଶ୍ୟକ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଜୟାନନ୍ଦ ମଲିକ ଓ ଉପସଭାପତି ଦମୟନ୍ତୀ ଦାସ ଓ ସଭ୍ୟ ସଭ୍ୟା ଦାବି କରିଛନ୍ତି । ବାସୁଦେବପୁର ବିଡ଼ିଓ ଓ ବ୍ଲକ ଶିକ୍ଷା ଅଧିକାରୀ ଏଥି ପ୍ରତି ତୁରନ୍ତ ଦୃଷ୍ଟି ଦେଲେ ନିଶ୍ଚିତ ଛାତ୍ର ଛାତ୍ରୀ ମାନେ ଉପକୃତ ହୋଇ ପାରିବେ ।

# ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ଶ୍ରୀରାମପୁର, ଦେଭୋଗ ଏବଂ ଦେଉଳାରେ ଭ୍ରାମ୍ୟମାଣ ଆମ୍ବୁଲାନସ ସେବା



ଲଙ୍ଗଳେଶ୍ୱର, ୧/୦୮ (ନି.ପ୍ର): ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ଟାଟା ଷ୍ଟିଲ ଫାଉଣ୍ଡେସନ ସହାୟତାରେ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ତ୍ୱରିତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଶ୍ରୀରାମପୁର,ଦେଭୋଗ ଏବଂ ଦେଉଳାଠାରେ ଭ୍ରାମ୍ୟମାଣ ଆମ୍ବୁଲାନସ ସେବା ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ବିଭିନ୍ନ ସମୟରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର, ବୃକ୍ଷରୋପଣ ଠାରୁ ଆରମ୍ଭ କରି ବନ୍ୟା ଓ ବାତ୍ୟା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ରିଲିଫ୍ ବଣ୍ଟନ କରୁଥିବା ବେଳେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇ ଘରକୁ ଘର ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଏହି ଭ୍ରାମ୍ୟମାଣ ଆମ୍ବୁଲେନସ ସେବାର ଶୁଭାରମ୍ଭ ହୋଇଯାଇଛି । ସୁବର୍ଣ୍ଣରେଖା ବନ୍ଦରର କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ। ଭ୍ରାମ୍ୟମାଣ ସେବାରେ ଶ୍ରୀରାମପୁର,ଦେଭୋଗ ଏବଂ ଦେଉଳା ଠାରେ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରାଯାଇଥିଲା ।

# ବିଧାୟକଙ୍କ ପ୍ରଚେଷ୍ଟାରେ ନିର୍ମାଣ ହେବ ପାଞ୍ଚୋଟି ନୂତନ ବିଜୁସେତୁ



ନୀଳଗିରି , ୧/୦୮ (ନି.ପ୍ର): ନୀଳଗିରିର ଲୋକପ୍ରିୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ପ୍ରଚେଷ୍ଟାରେ ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକାର ଉନ୍ନତି ମୂଳକକାର୍ଯ୍ୟ ହୋଇଚାଲିଥିବା ବେଳେ ତାଙ୍କ ପ୍ରଚେଷ୍ଟାରେ ପୁଣି ପାଞ୍ଚଗୋଟି ନୂତନ ବିଜୁସେତୁ ନିର୍ମାଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି ଗତ ୨୦୨୨ମସିହା ନଭେମ୍ବର ୨୮ତାରିଖରେ ବିଧାୟକ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ସ୍କିଲ ଡେଭଲମେଣ୍ଟ, ଟେକ୍ନିକାଲ ବିଭାଗର ମନ୍ତ୍ରୀଙ୍କୁ ପତ୍ର ଲେଖି ନୀଳଗିରି ଔପଦକ୍ଷ ବ୍ଲକ ଅନ୍ତର୍ଗତ ୫ଗୋଟି ପୋଲ ନଦୀ ଓ ନାଳ ଉପରେ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଫ ଇଞ୍ଜିନିୟର ଚିଠି ସଂଖ୍ୟା ୩୯୨୨ତାରିଖ ୬.୧.୨୩ମୂଳେ ବାଲେଶ୍ୱର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କୁ କ୍ଷେତ୍ର ପରିଦର୍ଶନ କରି ଫିଜିବିଲିଟ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ଆସିବା ପରେ ରାଜ୍ୟ ସରକାର ନୀଳଗିରି ବ୍ଲକର ୪ଗୋଟି ପୋଲ ଯଥା:- ମାଛୁଆ - ରଧାକିଶୋରପୁର ପଞ୍ଚାୟତ ସିଙ୍ଗିରି ବରହମପୁର ରାସ୍ତା ସୋନ ନଦୀ ଉପରେ ପୋଲ, ଅଯୋଧା ପଞ୍ଚାୟତ ଅଧୀନସ୍ଥ ଅଯୋଧା ବାଡ଼ିଆ ରାସ୍ତା ସୋନ ନଦୀ ଉପରେ ପୋଲ ନିର୍ମାଣ, ମହିଷାପଟା ପଞ୍ଚାୟତ ବଣିଆଗାଁ ଜୁଣୁକୋଇଲି ରାସ୍ତା ଘାଗରା ନଦୀ ଉପରେ ପୋଲ ନିର୍ମାଣ, ବେଗୁନିଆ ପଞ୍ଚାୟତ ବେଗୁନିଆ ଜୋର ପୋଲ ନିର୍ମାଣ ସହ ଔପଦା ବ୍ଲକ ଦକ୍ଷିଣ ନରସିଂହପୁର ପଞ୍ଚାୟତ ସାପୁଆ - କରଣ୍ଡିଆନାଳ ବାଇଗଡିଆ ଜୟପୁର ରାସ୍ତା ଉପରେ ପୋଲ ନିର୍ମାଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ତେବେ ବିରୋଧୀ ବିଜେପି ଦଳରେ ବିଧାୟକ ଥାଇ ମଧ ଲୋକଙ୍କ ପାଇଁ ସେବା କରିବାର ଆଗ୍ରହ ଏବଂ ସର୍ବୋପରି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାର ପ୍ରତିଫଳନ ନୀଳଗିରିବାସୀଙ୍କ ପାଇଁ ଖୁସିର ଖବର ଆଣିଦେଇଛି । ସେଥିପାଇଁ ବିଧାୟକ ସୁକାନ୍ତ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ନୀଳଗିରିବାସୀ ବିଧାୟକଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇଛନ୍ତି।

# ଗଡପଦରରେ ଅବକାରି ଚଢାଉ

ଜୟପୁର, ୧/୦୮ (ନି.ପ୍ର): ବିଷାକ୍ତ ଦେଶି ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ବିଭାଗ ଚଢାଉ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ଗଡପଦର ଜଙ୍ଗଲରେ ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରି ଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ୭ ଶହ ଲିଟର ପୋଚ ଓ ୫୦ ଲିଟର ଦେଶି ମଦ କୁ ଜବତ କରି ନଷ୍ଟ କରିଛି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୁଚନା ଦେଇଛନ୍ତି ।

# ମହିଳା କଂଗ୍ରେସ ପକ୍ଷରୁ ମଣିପୁର ହିଂସାକୁ ନେଇ ବିକ୍ଷୋଭ




ବାରିପଦା , ୧/୦୮ (ନି.ପ୍ର): ଆଜି ଓଡିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ା ଙ୍କ ନିର୍ଦ୍ଦେଶକ୍ରମେ ମୟୁରଭଞ୍ଜ ଜିଲ୍ଲା ମହିଳା କଂଗ୍ରେସ ତରଫରୁ ମଣିପୁର ହିଂସାକାଣ୍ଡ ଓ ମହିଳା ମାନଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇ ବାକୁ ବିରୋଧ କରି ବାରିପଦା ସହରର ଟ୍ରାଫିକ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ସୁସ୍ମିତା ଘୋସାଲ ଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ ରେ କେନ୍ଦ୍ର ବିଜେପି ସରକାର ମହିଳା ମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି ବୋଲି ଉପସ୍ଥିତ କର୍ମୀ ଓ କର୍ମକର୍ତ୍ତା ମାନେ କ୍ଷୋଭ ପ୍ରକାଶ କରିବା ସହିତ ମଣିପୁର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଙ୍କ ଇସ୍ତଫା ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କଂଗ୍ରେସର ସଂପାଦିକା ସୁନନ୍ଦା ସାହୁ, ଟାଉନ ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମିଶ୍ର, ନାରୀନେତ୍ରୀ ଇତିଶ୍ରୀ ମିଶ୍ର, ଇନ୍ଦୁମଣି ନାଏକ, ଓ୍ୱାହିଦା ରେହେମାନ, ସଞ୍ଜୁଲତା ବରାଳ, ସୁନିତା ବେହେରା, ଇନ୍ଦୁମତୀ ମହାନ୍ତି, ସୁଭସ୍ମିତା ଦାସ, ଅଂଜନା ବରାଳ, ଲକ୍ଷ୍ମୀ ବିଶୋଇ ଓ ଜିଲ୍ଲା କଂଗ୍ରେସର ଉପସଭାପତି ଅରବିନ୍ଦ ଦାସ, ଟାଉନ ସଭାପତି ଶାନ୍ତନୁ ପାଲ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଶିବାନନ୍ଦ ଦାସ, ସୁକୁମାର ପ୍ରଧାନ, ବାଦଲ ହେମ୍ବ୍ରମ, ଦୀପକ ଦାଶ, ଲମ୍ବୋଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁକ୍ତ ଦୁଇ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ସମାରୋହ



ଲଙ୍ଗଳେଶ୍ୱର , ୧/୦୮ (ନି.ପ୍ର): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ମଙ୍ଗଳବାର ନବାଗତ ଯୁକ୍ତ ଦୁଇ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ମିଳନୀ କକ୍ଷରେ ପ୍ରବେଶ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।କଲେଜ ଅଧକ୍ଷ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାଧ୍ୟାପିକା ଲିପିକା ଜାନା , ଦିବ୍ୟ ଇନ୍ଦୁ ଗିରି , ଡ଼ଃ ସୁକାନ୍ତ କୁମାର ଗିରି ,ପ୍ରାଧ୍ୟାପକ ଦେବବ୍ରତ ଦାସ, ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରମୁଖ ପ୍ରବେଶ ସମାରୋହ ର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।ଅଧ୍ୟାପକ ତାପସ ତନୟ ନନ୍ଦୀ ,ପ୍ରଭାତ ରଞ୍ଜନ ଦାସ, ଅଲେଖ ସୁର ,ସଞ୍ଜୟ କୁମାର ଦେ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଓପିଏସସି ପ୍ରତିଭାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କଲେ ଭାଜପା ମୁଖପାତ୍ର ଓ ଜନହିତ ଯୁବକ ସଂଘ



ଖଇରା, ୧/୦୮ (ନି.ପ୍ର): ଚଳିତ ବର୍ଷ ଓପିଏସସି ଦ୍ୱାରା ପରିଚାଳିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ବାଲେଶ୍ୱର ଜିଲା ଖଇରା ବ୍ଲକରୁ ୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ନହଙ୍ଗ ଗ୍ରାମର ଯୀଶୁକ୍ରିଷ୍ଟ ଦାସ୨୦୨ନମ୍ବର,ଶାଳଗଡିଆର ସୁଶ୍ରୀ ନିବେଦିତା ସ୍ୱାଇଁ ୨୦୩ନମ୍ବର ଓ ଗୋଳିହାର ଅମିତ ନାୟକ ୨୪୫ନମ୍ବର ର୍ୟାଙ୍କରେ ଅଛନ୍ତି । ଯିଶୁକ୍ରୀଷ୍ଟଙ୍କ ବାପା ପ୍ରଭାକର ଦାସ ଜଣେ ଡାକ କର୍ମଚାରୀ ହୋଇଥିବା ବେଳେ ସେ ଦିଲ୍ଲୀରେ ପିଜି କରିବା ସମରୁହିଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ଅନ୍ୟ ଇଚ୍ଛୁକ ଯୁବ ଗୋଷ୍ଠୀ କିଭଳି ପ୍ରଶାସନିକ ସେବାରେ ଯୋଗ ଦେବେ ସେଥପାଇଁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି । ସେହିଭଳି ଅଭୟ ସ୍ୱାଇଁ ଓ ନିରୁପମା ବେହେରାଙ୍କ ଝିଅ ନିବେଦିତା ଦିଲ୍ଲିରେ ପିଜି ଓ ଏମ୍ଫିଲ କରିବା ପରେ ଓପିଏସସି ପାଇଁ ପ୍ରସ୍ତୁତି ଚଳାଇଥିଲେ । ଉତ୍ତର ଓଡିଶା ବିଶ୍ୱବିଦ୍ୟାଳରୁ ଏଲଏଲବି ମଧ୍ୟ ପାଶ କରିଛନ୍ତି । ଦିନକୁ ୬ରୁ୭ଘଣ୍ଟ ପରିଶ୍ରମ କରୁଥିଲେ । ଜଣେ ପ୍ରଶାସନିକ ଅଧୀକାରିଣୀ ଭାବେ ଓଡିଶାକୁ ୧ନମ୍ବର ରାଜ୍ୟ କରିବାକୁ ପ୍ରାଥମିକତା ଦେଇ ତାଙ୍କୁ ଯାହା ଦାୟିତ୍ୱ ପ୍ରଦାନ କରାଯିବ ତାକୁ ସେ ସୁଚାରୁରୂପେ ସମ୍ପର୍ଣ୍ଣ କରିବେ ବୋଲି କହିଛନ୍ତି । ନିଜ ଅଞ୍ଚଳ ର ଉନ୍ନତି ପାଇଁ ଚାକିରିର ପରିଧି ଭିତରେ ରହି ଯଥାସମ୍ଭବ ଉଦ୍ୟମ କରିବେ । ପାଠ ପଢିବା ସହ ଗୀତ ଗାଇବା,କବିତା ଲେଖିବାକୁ ମଧ୍ୟ ଭଲ ଲାଗେ ।ପାଖାପାଖି ୧ବର୍ଷ ତଳେ ଅମିତ ନାୟକଙ୍କ ବାପାଙ୍କ ଦେହାନ୍ତ ପରେ ଭଦ୍ରକରେ ରହୁଛନ୍ତି । ବାପାଙ୍କ ଇଚ୍ଛାକୁ ପୁରଣ କରିବାକୁ ସେ ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ ରଖି ସେହି ଅନୁସାରେ ପ୍ରସ୍ତୁତ ହେଉଥିଲେ । ଆଗକୁ ୟୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବାର କହିଛନ୍ତି । ଗୌରାବନ୍ୱିତ କରିଥିବା ଏହି ପ୍ରତିଭାଧାରୀ ମାନଙ୍କ ପାଇଁ ଦିନ ତମାମ ସମ୍ବର୍ଦ୍ଧନା ଲାଗି ରହିଛି । ଜନହିତ ଯୁବକ ସଂଘ ଓ ପତଞ୍ଜଳୀ ଯୋଗ ସମିତି ତରଫରୁ ସୁରେଶ ରାଉତ,ପ୍ରହଲ୍ଲାଦ ଧଳ ଏବଂ ମୁକ୍ତିକାନ୍ତ ପାଣିଗ୍ରାହୀ ଙ୍କ ନେତୃତ୍ୱରେ ପ୍ରଥମେ ନିବେଦିତା ଓ ଯିଶୁକ୍ରିଷ୍ଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ନହଙ୍ଗ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ର ଅଧ୍ୟକ୍ଷା ଅନିତାରାଣୀ ନାୟକ ପୌରହିତ୍ୟରେ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏହଛଡା ଭଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଉଭୟ ପ୍ରତିଭାଙ୍କୁ ସେମାନଙ୍କ ଘରେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି ।

# ଚେକ ବାଉନ୍ସ ମାମଲାରେ ଜେଲଦଣ୍ଡ

ନୀଳଗିରି, ୧/୦୮ (ନି.ପ୍ର): ଦୁଇଟି ପୃଥକ ଚେକ ବାଉନ୍ସ ମାମଲାରେ ଅଭିଯୁକ୍ତଙ୍କୁ ନୀଳଗିରି ଏସଡିଜେଏମ ଶ୍ରୀମତୀ ଇପସି ମହାନ୍ତି ୧ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି ।ସୂଚନାଯୋଗ୍ୟ ନୀଳଗିରି ଥାନା ଅଧିନ କୁଅଁରପୁର ଲାଖରାଜ ଗ୍ରାମର ଜୋହନ ସାହା ବେଗୁନିଆ ଗ୍ରାମର ଦେବାନନ୍ଦ ଆଚାର୍ଯ୍ୟଙ୍କୁ ଦୁଇଟି ଚେକ ଦେଇଥିଲେ ।ମାତ୍ର ଏକାଉଣ୍ଟରେ ଟଙ୍କାନଥିବାରୁ ଚେକ ବାଉନ୍ସ ହୋଇଥିଲା ।ଏନେଇ ଶ୍ରୀ ଆଚାର୍ଯ୍ୟ ମାନ୍ୟବର କୋର୍ଟରେ ୧୦୯/୨୦ ଓ ୧୦୦/୨୧ ନମ୍ବର ମାମଲା ରୁଜୁ ହୋଇଥିଲା ।ଆଜି ଏହି ମାମଲାରେ ମାନ୍ୟବର ଏସଡିଜେଏମ ଶୁଣାଣି କରି ଅଭିଯୁକ୍ତଙ୍କୁ ବର୍ଷେ ଜେଲ ଦଣ୍ଡ ଦେବାସହ ୧.୨୦ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଦେବାନନ୍ଦ ଆଚାର୍ଯ୍ୟଙ୍କ ପାଇଁ ଆଇନଜୀବୀ ସତ୍ୟଜିତ ମିଶ୍ର ଓ ତନ୍ମୟ ପାତ୍ର ମୋକଦମା ପରିଚାଳନା କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo